COTOC
COTOC Improvement Limited

# THE BUSINESS BREAKING

*It's all of your Business*

PRGI REGN. NO.: ORBIL/26/A0905 | VOLUME 01, ISSUE 05 | BI-LINGUAL (ENGLISH, ODIA) | FORTNIGHTLY | MAY (1st TO 15th) 2026 | PAGE 8 | PRICE ₹ 10

@BiznessBreaking | businessbreaking.com | To advertise, Mail: biznessbreaking@gmail.com or Call: +91 8456869769, 06744068848

## Main Business

# Odisha Shines in India's Solar Surge

As India grappled with intense summer heat in April 2026, pushing electricity demand to record highs, solar energy—supported significantly by states like Odisha—played a crucial role in maintaining grid stability.



The country successfully met an all-time peak demand of around 256 GW in late April, highlighting both rising consumption and the growing importance of renewable energy in India's power mix.

A key highlight of this period was the increasing contribution of solar energy during peak load hours. On April 25–26, solar power contributed around 21–22% of total electricity generation at peak demand, with output exceeding 57 GW. This marked a structural shift in India's energy landscape, where solar is no longer just a supplementary source but a critical pillar during daytime peak consumption.

Within this national transition, Odisha has emerged as a leading contributor in rooftop solar adoption, particularly under schemes like PM Surya Ghar. The state's proactive policies, faster approvals, and strong consumer participation have positioned it at the forefront of decentralized solar growth. Rooftop installations in Odisha are especially significant because they generate electricity at the point of consumption, reducing transmission losses and easing pressure on the grid during peak hours.

This decentralized generation becomes highly valuable during April's peak demand window, when cooling loads surge across the country. Rooftop solar systems in urban centers, including Bhubaneswar, help offset daytime demand, thereby lowering stress on conventional thermal power plants. With an estimated potential of up to 10 GW of rooftop solar capacity, Odisha has the scale to further enhance its contribution to national peak load management.

From an energy security perspective, the implications are significant. India's ability to meet record demand without major outages reflects improved grid resilience, supported by renewable integration. Solar energy reduces dependence on imported fossil fuels, mitigates price volatility, and enhances sustainability. Moreover, distributed solar like rooftop systemsadds a layer of localized energy security, making the grid less vulnerable to disruptions.

In conclusion, the April 2026 peak demand period underscores a critical transition: India's energy security is increasingly being powered by the sun, with states like Odisha playing a pivotal role. As rooftop adoption accelerates and solar capacity expands, renewable energy is set to become the backbone of India's future power strategy.

## Icon Interview

# ଓଡ଼ିଶାରେ ଶକ୍ତିଶାଳୀ ଇନୋଭେସନ ଇକୋସିଷ୍ଟମ ଗଢ଼ିବା ଲକ୍ଷ୍ୟ

## ପ୍ରଦୀପ୍ତ ପାଣିଗ୍ରାହୀ, ନିର୍ଦ୍ଦେଶକ, Carbonout Techcom



**Paver 360ର ଚିନ୍ତାଧାରା ଆପଣଙ୍କ ମନକୁ କିପରି ଆସିଲା?**

ବର୍ତ୍ତମାନ ସମୟରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ପରିଚାଳନା ଏବଂ ଦିନକୁ ଦିନ ବଢୁଥିବା ସଡ଼କ ଦୁର୍ଘଟଣା, ଦୁଇଟି ଯାକ ସମାଜ ପାଇଁ ବଡ଼ ଆହ୍ୱାନ ସାଜିଛି। ମୋର ଲକ୍ଷ୍ୟ ଥିଲା ଏହି ଦୁଇଟି ଭିନ୍ନ ସମସ୍ୟାକୁ ଗୋଟିଏ ସମାଧାନ ମାଧ୍ୟମରେ କିପରି ଦୂର କରାଯାଇପାରିବ । ଏହି ଚିନ୍ତାଧାରାରୁ ହିଁ 'Paver 360'ର ପରିକଳ୍ପନା ଜନ୍ମ ନେଲା, ଯାହା ପ୍ଲାଷ୍ଟିକକୁ ପୁନଃ ବ୍ୟବହାର କରି ରାସ୍ତାର ସୁରକ୍ଷା ବଢ଼ାଇବାରେ ସାହାଯ୍ୟ କରିବ।


**ଜଣେ innovator ତଥା ଜଣେ ଉଦ୍ୟୋଗୀ ଭାବରେ ଆପଣଙ୍କର ଯାତ୍ରା କିପରି ଥିଲା?**

ଜଣେ ଉଦ୍ୟୋଗୀ ଭାବରେ ଏହି ଯାତ୍ରା ସହଜ ନଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଗବେଷଣା ଓ ବିକାଶ (R&D), field testing ଏବଂ funding challenges ଥିଲା। କିନ୍ତୁ ବାସ୍ତବ ଜୀବନର ଜଟିଳ ସମସ୍ୟାଗୁଡ଼ିକର ସମାଧାନ କରିବାର ଜିଦ୍ ଏବଂ ନିଜ କାମ ପ୍ରତି ଥିବା ନିଷ୍ଠା ଆମକୁ ସଫଳତାର ସହ ଆଗକୁ ବଢ଼ିବାରେ ପ୍ରେରଣା ଦେଇଛି।

**ଏହି ପେଭର ଟାଇଲ୍ ଗୁଡ଼ିକ କିପରି ନିଜେ ଶକ୍ତି ଉତ୍ପନ୍ନ କରନ୍ତି ଏବଂ ତଥ୍ୟ ସଂଗ୍ରହ କ୍ଷେତ୍ରରେ ଏହା କିପରି ସାହାଯ୍ୟ କରେ? ଏହି unique ପ୍ରଡକ୍ଟ ବିଷୟରେ ଆଲୋକପାତ କରନ୍ତୁ ।**

ଏଥିରେ ଏକ ହାଇବ୍ରିଡ୍ ସିଷ୍ଟମ ବ୍ୟବହାର କରାଯାଇଛି, ଯେଉଁଥିରେ ସୌର ଶକ୍ତି ସହିତ ଲୋ-ପାୱାର ଇଲେକ୍ଟ୍ରୋନିକ୍ସର ସମନ୍ୱୟ ରହିଛି। ଏହି ଟାଇଲ୍ସ ମଧ୍ଯରେ ବିଭିନ୍ନ ସେନ୍ସର ଲାଗିଛି ଯାହା ଗାଡ଼ିର ଚଳାଚଳ, ଚାପ ଏବଂ ତାପମାତ୍ରାକୁ ମାପିପାରେ। ଏହି ସମସ୍ତ ତଥ୍ୟ ବା ଡାଟାକୁ IoT (Internet of Things) ପ୍ଲାଟଫର୍ମ ମାଧ୍ୟମରେ ସଂଗ୍ରହ କରାଯାଇ ବିଶ୍ଳେଷଣ କରାଯାଏ।

**ଆପଣ zero carbon କନସେପ୍ଟ ଉପରେ ଗୁରୁତ୍ୱ ଦେଉଛନ୍ତି। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ଏକ ସ୍ମାର୍ଟ ଟେକ୍ନୋଲୋଜିରେ ପରିଣତ କରି ଆପଣ ପରିବେଶ ପ୍ରଦୂଷଣ ବିରୁଦ୍ଧରେ କେଉଁ ପ୍ରକାର ବଡ଼ ପରିବର୍ତ୍ତନ ଆଣିବାକୁ ଚାହୁଁଛନ୍ତି?**




ଆମେ ପରିତ୍ୟକ୍ତ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ recycle କରି ସେଗୁଡ଼ିକୁ ଉଚ୍ଚମାନର ସ୍ମାର୍ଟ ଇନଫ୍ରାଷ୍ଟ୍ରକ୍ଚରରେ ପରିଣତ କରୁଛୁ। ଏହା ଦ୍ୱାରା ପ୍ଲାଷ୍ଟିକଗୁଡ଼ିକ ଆଉ ମାଟିରେ ନ ମିଶି ବ୍ୟବହାରଯୋଗ୍ୟ ହୋଇପାରୁଛି, ଯାହା ପରିବେଶରୁ କାର୍ବନ ଫୁଟପ୍ରିଣ୍ଟ ହ୍ରାସ କରିବାରେ ଏକ ବଡ଼ ପଦକ୍ଷେପ।

**ରାସ୍ତା ସୁରକ୍ଷା ଏବଂ ଦୁର୍ଘଟଣା ରୋକିବାରେ ଏହି ସ୍ମାର୍ଟ ଟାଇଲ୍ର ଭୂମିକା କ'ଣ ରହିବ? ରେଳପଥ ଏବଂ ପୋର୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ପ୍ରଯୁକ୍ତିବିଦ୍ୟା କିପରି ପରିବର୍ତ୍ତନ ଆଣିପାରିବ?**

'Paver 360' ରାସ୍ତାରେ clear visual indication ପ୍ରଦାନ କରିଥାଏ, ଯାହା ଫଳରେ ଗାଡ଼ି ଚାଳକମାନେ ସତର୍କ ହୋଇପାରନ୍ତି ଏବଂ ସଡ଼କ ଦୁର୍ଘଟଣା କମିଥାଏ। ଏହା କେବଳ ସାଧାରଣ ରାସ୍ତା ନୁହେଁ, ବରଂ ରେଳୱେ ପ୍ଲାଟଫର୍ମ, ପୋର୍ଟ ଏବଂ ହାଇୱେ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏକ ସୁରକ୍ଷା ଗାଇଡାନ୍ସ ସିଷ୍ଟମ ଭାବେ କାର୍ଯ୍ୟ କରେ।

► P4

## Last Fortnight

- GST Record: April collections hit a historic all-time high of ₹2.43 lakh crore
- Gaming Ban: New "Online Gaming Authority" begins operations today to curb illegal betting
- Commercial LPG: 19kg cylinder prices hiked to ₹3,071.50 in Delhi starting today
- Credit Card Relief: RBI's 3-day grace period for late payments takes effect today
- India-NZ FTA: India and New Zealand officially signed a landmark Free Trade Agreement
- Ladakh Update: Government formally approves the creation of 5 new districts in Ladakh
- Export Tax Cut: Centre slashes windfall tax on Diesel and ATF exports
- Cash Tracking: PAN now mandatory for annual cash transactions exceeding ₹10 lakh
- Green Energy: India's first mega Green Hydrogen plant starts trial runs in Gujarat
- RS Merger: Seven AAP MPs officially merged with BJP in the Rajya Sabha
- IPL 2026: BCCI officially announced that the IPL Grand Final will be hosted at the Narendra Modi Stadium in Ahmedabad
- ISRO Aditya-L1: Successfully captured major solar flares for advanced space research
- Toll Reform: 'One Nation' One Toll policy launched, cutting travel costs by 10%
- Bank KYC: RBI sets May 31 deadline for high-risk customer KYC completion
- EV Subsidy: Government launches FAME-III scheme with ₹10,000 crore to promote electric vehicles

## This Fortnight

**1st May:** Buddha Jayanti, Boudha Pitha, Ratnagiri, Jajpur

**2nd-11th May:** Adivasi Mahotsav, Upper Baliyatra Ground, Cuttack

**3rd May:** Release of book 'ODISHA Roadmap towards 5th Largest Economy of Bharat', IMMT Auditorium, Bhubaneswar

**3rd to 4th May:** 14th Buddha Mahotsav, Buddha Vihar, Maniabandha

**5th May:** World Cartoonist Day, Rotary Bhawan, Bhubaneswar

**7th May:** Release of 'SriJagannath's Podhuan Yatra' book and felicitation ceremony, Geetagobinda Sadan, Bhubaneswar

**7th May:** Play 'Sworgare Lockdown', Bhanja Kalamandap, Bhubaneswar.

**7th to 10th May:** Youth Training Camp by Prajna Foundation, Badajharilo, Phulanakhara, Cuttack

**9th-10th May:** MOTHER's Shishu Mahotsav, Competition, Annual Day and Award Ceremony, Jayadev Bhawan, Bhubaneswar

> "Leadership is the self-confidence of working with people smarter than you"
> *Azim Premji*



## Nationalism: The new Politics and the Policy

The Mahabharata describes "Bharata" as a legendary ancient king from whose lineage the root name of India, "Bharatvarsha," is derived. The 2023 G20 Summit was held in New Delhi under the theme "G20 Bharat, Vasudhaiva Kutumbakam". With this eternal phrase from the Maha Upanishad (Chapter 6, Verse 72), the theme emphasized the new wave of nationalism in India that is Bharat.

Viewfinder

Sibasis Satapathy

Love for a nation, believed Chanakya, is not proved by slogan alone, but by shared action. Following the idea of nationalism by Chanakya, India was first unified as a single state under Chandragupta Maurya in 3rd Century BC.

'Sarfaroshi ki tamanna...' Nationalism demands devotion with a heightened feeling of pride for your own country; a feeling that your country is better than others. The pride of nationalism coupled with party politics and government policy is the new nationalism.

Donald Trump's campaign of "America First" and "Make America Great Again" are set in a very distinctively nationalist direction, although his definition of "American" excludes quite a few immigrant groups.

'I am Giorgia, I am a woman, I am a mother, I am Italian, I am Christian and don't take it away from me," is sufficiently firm in its cry for protection of Italians. Meloni's win became the model for nationalists across Europe including Hungary, France, and Germany.

In China, nationalism serves two key functions: reinforcing the Chinese Communist Party (CCP)'s legitimacy and supporting the country's global ambitions. Far from being outdated, nationalism is a cornerstone of China's current strategy.

As per Pew Research Center publication, 96% of Indian adults universally take great pride in their Indian identity. And in case of younger educated Indians (college graduates of 18-34 years) this pride factor moves up to 97%. The present government led by the BJP knew this much before which got reflected through their election campaign where the youth were mobilised through slogans like 'bharat mata ki jai' and 'vande mataram'.

Nationalism has had a profound impact on India's socio-political landscape, shaping its journey. Policies aim to boost self-reliance, promoting domestic manufacturing to foster economic strength, a trend often categorized as a nationalistic economic policy.

India's current policy strongly emphasizes a form of "New Nationalism" blending civilizational pride with assertive, self-reliant development. The policy, often termed "Atmanirbhar Bharat", aims to project India as "Viksit Bharat". From import to export, from defense buyer to missile exporter, nationalism driven policy formulation has already started yielding results. From Rs.1,522 crore in FY17 to Rs.21,803 crore in FY24, India's defense exports have gone up 14 times. Countries like Myanmar, Mauritius, Vietnam, and Maldives are guarding their nationalism on the land and in the sky with Make in India missiles.

**Other View**

# 'ଡମି ସ୍କୁଲ' ଭାରତୀୟ ଶିକ୍ଷା ବ୍ୟବସ୍ଥା ପାଇଁ ଅଭିଶାପ



ସକାଳେ ଜଣେ ବନ୍ଧୁ ଫୋନ କରି କହିଲେ ଯେ ତାଙ୍କ ପୁଅ ଦଶମ ପରୀକ୍ଷା ଦେଇ ସାରିଲା ପରେ ଏକ ନାମୀ କୋଚିଂରେ ନାମ ଲେଖାଇଛନ୍ତି। ମୁଁ ପଚାରିଲି ସେ ସଂସ୍ଥାର ତ ଉଚ୍ଚ ମାଧ୍ୟମିକ ସ୍କୁଲ ନାହିଁ। ସେ କହିଲେ, ପୁଅକୁ ଗୋଟେ ସ୍କୁଲରେ ନାମ ଲେଖାଇ ଦେବି। ପୁଅ ସ୍କୁଲ ଯିବନାହିଁ। ସେଇ କୋଚିଂରେ ପଢିବ। କେବଳ ପରୀକ୍ଷା ଦେବାକୁ ସ୍କୁଲ ଯିବ। ସେ କହିଲେ, ଏହାକୁ 'ଡମି ସ୍କୁଲ' ବ୍ୟବସ୍ଥା କୁହନ୍ତି। ମୁଁ ପଚାରିଲି ପ୍ରାକ୍ଟିକାଲ କ୍ଲାସ କୋଉଠି କରିବ? ସେ କହିଲେ, ଦରକାର ନାହିଁ। ପ୍ରାକ୍ଟିକାଲ ପରୀକ୍ଷା ଦେଲେ ଭଲ ମାର୍କ ସେମିତି ମିଳିଯିବ। ସବୁ ସେଟିଙ୍ଗ ଅଛି। ମୁଁ ବନ୍ଧୁଙ୍କୁ ସେଥିରୁ ବିରତ କଲି।

ଭାରତର ଜନପ୍ରିୟ ପ୍ରଧାନମନ୍ତ୍ରୀ, ବିଶ୍ୱବନ୍ଦିତ ନେତା ନରେନ୍ଦ୍ର ଦାମୋଦର ଦାସ ମୋଦିଙ୍କର ସ୍ୱପ୍ନର ଯୋଜନା ଜାତୀୟ ଶିକ୍ଷା ନୀତି 2020। ଭାରତକୁ ବିଶ୍ୱଗୁରୁ କରିବା ପାଇଁ ଓ ଭାରତୀୟଙ୍କୁ ବୈଶ୍ୱିକ ନାଗରିକ କରିବାପାଇଁ ଜାତୀୟ ଶିକ୍ଷା ନୀତି 2020ର ବ୍ୟବସ୍ଥା ଓ ପରିକଳ୍ପନା। ଯାହାର କ୍ରିୟାନ୍ୱୟନ ପାଇଁ ଓଡ଼ିଆ ପୁଅ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯତ୍ପରୋନାସ୍ତି ପ୍ରଚେଷ୍ଟାରତ। ସେଥିରେ ବିଦ୍ୟାର୍ଥୀର ସାମୁହିକ ବୌଦ୍ଧିକ ବିକାଶ ସହ ଅନ୍ତରବୌଦ୍ଧିକ ପରିପକ୍ୱତା ତଥା ସୃଜନଶୀଳତା ଲକ୍ଷ୍ୟ ଅଟେ। ସେଥିପାଇଁ ଅଟଳ ଟିଙ୍କରିଙ୍ଗ ଲ୍ୟାବ, ପିଏମ ଶ୍ରୀ ସ୍କୁଲ, ଏମିତି କେତେ ପରିକଳ୍ପନା।

ଶିକ୍ଷାରେ ସମାଜର ଭାଗିଦାରୀ ପାଇଁ ଓ ସମାଜକୁ ଉତ୍ତରଦାୟିତ୍ୱ ଦେବାପାଇଁ ଶିକ୍ଷାର ଘରୋଇକରଣ ଆଜି ଅନେକାଂଶରେ ମୂଲ୍ୟବୋଧବିହୀନ ବ୍ୟବସାୟରେ ପରିଣତ ହୋଇଛି। ଅଷ୍ଟମଠାରୁ ଦ୍ୱାଦଶ ପର୍ଯ୍ୟନ୍ତ ଏହି ଡମି ସ୍କୁଲରେ ପାଠ ପଢି ପିଲାମାନେ ବାଡ଼ି ବାଇଗଣ ତ ଦୂରର କଥା ପୋଥି ବାଇଗଣର ଯୋଗ୍ୟତା ହରାଉଛନ୍ତି। 13ବର୍ଷ ବୟସରୁ 18ବର୍ଷ ବୟସ ଯାହାକି ଏକ ଗମ୍ଭୀର ସମୟ, ଯେଉଁ ସମୟରେ ପିଲାଟିର ଶାରୀରିକ ଓ ମନୋବୈଜ୍ଞାନିକ ପରିବର୍ତ୍ତନ ହୁଏ ସେଇ ସମୟରେ ପିଲାଟି ଦୁର୍ବଳ, ଭୟାତୁର, ମିଛ ଅସଫଳତା ତଥା ପାରମ୍ପରିକ ପ୍ରତିଯୋଗିତା ଜାଲରେ ଛନ୍ଦି ହୋଇ ହନ୍ତସନ୍ତ ହେଉଛି ଓ ଜୀବନବ୍ୟାପୀ ଏକ ହୀନମନ୍ୟତାପୂର୍ଣ୍ଣ ମଣିଷରେ ପରିଣତ ହେଉଛି। ଯଦି ଏହି ଷଡଯନ୍ତ୍ରରେ ସେ ପୁରା ଆବେଗପୂର୍ଣ୍ଣ ଭାବରେ ମଜ୍ଜିଗଲା ତାହେଲେ ସେ ଆତ୍ମହତ୍ୟା କରୁଛି। ଯଦି ଏକ ଦେଶର ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଦିଆଯାଏ ତାହେଲେ ସେ ଦେଶ ଓ ତାର ସଭ୍ୟତା ନଷ୍ଟ ହୋଇଯାଏ।

ଲୋକସଭା ବାଚସ୍ପତି ଓମ ବିର୍ଲା ମହୋଦୟ ରାଜସ୍ଥାନ କୋଟାରୁ ନିର୍ବାଚିତ ହେଉଛନ୍ତି। ସେଠାରେ ଏହିଭଳି ବ୍ୟବସ୍ଥା। ସେହି ସ୍ଥାନରେ ଛାତ୍ରଛାତ୍ରୀ ଆତ୍ମହତ୍ୟାର ହାର ଅତି ଅଧିକ। ଉଚ୍ଚତମ ନ୍ୟାୟାଳୟ ଚାଷୀ ଆତ୍ମହତ୍ୟାଠାରୁ ଛାତ୍ରଛାତ୍ରୀ ଆତ୍ମହତ୍ୟା ହାର ଅଧିକ କହି ଉଦବେଗ ପ୍ରକାଶ କରିଛନ୍ତି। ଆତ୍ମହତ୍ୟାର ମୁଖ୍ୟ କାରଣ ଡମି ସ୍କୁଲ ସଂସ୍ଥାଗୁଡିକର ସଫଳତା ହାରର ମିଥ୍ୟା ପ୍ରଚାର, ଯେଉଁଥିରେ ଅଭିଭାବକ ଓ ପିଲାଙ୍କର ମାତିଯାଇ ନାମ ଲେଖାଇବା ପାଇଁ ମୂଷା ଦୌଡ଼। ଅନୁଧ୍ୟାନ କଲେ ଆପଣମାନେ ଜାଣିପାରିବେ ସେମାନେ ଡାହାମିଛ କହିଥାନ୍ତି। ସେହି ସଂସ୍ଥାରେ ନାମ ଲେଖାଇଥିବା ପିଲା ସଂଖ୍ୟା ଓ କୃତକାର୍ଯ୍ୟ ହୋଇଥିବା ପିଲା ସଂଖ୍ୟା ମଧ୍ୟରେ ବ୍ୟବଧାନ ବହୁତ। ଜାତୀୟ ଶିକ୍ଷାନୀତି 2020ର କ୍ରିୟାନ୍ୱୟନ ହେବ ଓ ଡମି ସ୍କୁଲ ବି ଚାଲିବ -ଏହା ଆଦୌ ସମ୍ଭବ ନୁହେଁ।

ମୋଦିଜୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଅତିବ ଉଚ୍ଚକୋଟୀର ଓ ପ୍ରଶଂସନୀୟ କାର୍ଯ୍ୟକ୍ରମ। ପରୀକ୍ଷାର୍ଥୀଙ୍କ ମନରେ ଆତ୍ମବିଶ୍ୱାସ ଜାଗ୍ରତ କରିବା ପାଇଁ ଏହା ଏକ ଅନନ୍ୟ ପ୍ରୟାସ। କିନ୍ତୁ ଛାତ୍ରଛାତ୍ରୀଙ୍କ ଦୁର୍ବଳତାର ବିଷୟ ଏହିକିଯେ ଡମି ସ୍କୁଲ ବ୍ୟବସ୍ଥା ପାଇଁ ଅନେକ ସରକାରୀ ସ୍ୱୀକୃତି ପ୍ରାପ୍ତ ସ୍କୁଲ ଖୋଲୁଛି ସତ୍ୟ କିନ୍ତୁ ସେଠାରେ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥା ନାହିଁ। ତାହାର ଆବଶ୍ୟକତା ନାହିଁ କାରଣ ପିଲାମାନେ ଡମି ସ୍କୁଲରେ ପଢୁଛନ୍ତି।

ଡମି ସ୍କୁଲ ବ୍ୟବସ୍ଥା ହଜାର ହଜାର କୋଟି ଟଙ୍କାର କଳା ବ୍ୟବସାୟ ଅଟେ। ଏଥିରେ ଶିକ୍ଷକମାନେ ଉପଯୁକ୍ତ ଯୋଗ୍ୟତାର ଅଧିକାରୀ ନୁହଁନ୍ତି। ଡମି ସ୍କୁଲ ବ୍ୟବସ୍ଥା ଘରୋଇ ଟିଉସନଠାରୁ ବିଶେଷ କିଛି ଅଲଗା ନୁହେଁ। କେଉଁ ଅଧିକାର ଓ କେଉଁ ନିୟମ ବଳରେ ଏତେ ସବୁ ଡମି ସ୍କୁଲ ଚାଲିଛି? ଏହି ଡମି ସ୍କୁଲ ବ୍ୟବସ୍ଥାରେ ଫାଇଦା କାହାର? ବିଂଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରତିପତ୍ତିଶାଳୀ ଲୋକମାନେ ନିଜ ପ୍ରଭାବ ବଳରେ ଘରୋଇ ଶିକ୍ଷକ ଦେଇ ପିଲାଙ୍କୁ ଡିଗ୍ରୀ ଦିଆଉଥିଲେ। ଏହି ଶତାବ୍ଦୀରେ ସେହି ପ୍ରଥା ପ୍ରାସଙ୍ଗିକ କି?

'ଥ୍ରୀ ଇଡିଏଟସ' କରିଥିବା ବିଧୁ ବିନୋଦ ଚୋପ୍ରା ଓ ରାଜ କୁମାର ହୀରାନି ସମାଜକୁ ଯେଉଁ ବାର୍ତ୍ତା ଦେବାକୁ ଚାହିଁଥିଲେ ତାହା ଯୁଗୋପଯୋଗୀ ଓ ପ୍ରାସଙ୍ଗିକ ହେଲେବି ଉପୋରକ୍ତ ଷଡଯନ୍ତ୍ରରେ ଅସ୍ତିତ୍ୱ ହରାଉଛି। ଜଣେ ବିଦ୍ୟାର୍ଥୀର ବ୍ୟକ୍ତିତ୍ୱ, ଅଭିବ୍ୟକ୍ତି ଓ ସୃଜନ ସ୍ୱାଧୀନତାକୁ ନଷ୍ଟ କରିଦିଆଯାଉଛି। ଡମି ସ୍କୁଲ ବ୍ୟବସ୍ଥାରେ ଅଭିଭାବକ ଉଭୟ କୋଚିଂ ସଂସ୍ଥା ଓ ନାମ ଲେଖାଉଥିବା ସ୍କୁଲକୁ ଅର୍ଥ ଦେଇ ସର୍ବସ୍ୱାନ୍ତ ହୁଅନ୍ତି। କୋଚିଂ ସଂସ୍ଥା କେତେ ଅର୍ଥ ନେବ ତାର କିଛି ନିୟାମକ ନାହିଁ। ପାଠପଢା ବାବଦରେ କିଏ କିଏ ବର୍ଷକୁ ଲକ୍ଷାଧିକ ଟଙ୍କା ଦାବି କରନ୍ତି। ଏଥିରେ ଓଡ଼ିଶାର ଶିକ୍ଷା ମଧ୍ୟ ପ୍ରଭାବିତ। ଏଥିରେ ଶିକ୍ଷାର, ସମାଜର ଓ ଦେଶର ପ୍ରଭୁତ କ୍ଷତି ହେଉଛି। ଦେଶର ବିକାଶରେ ଏହା ସମ୍ପୂର୍ଣ୍ଣ ପରିପନ୍ଥୀ ଅଟେ।

ଏମିତି କିଛି ବିଦ୍ୟାଳୟ ଅଛି ଯେଉଁଠାରେ ଅଷ୍ଟମ ଶ୍ରେଣୀଯାଏ ସରକାରୀ ସ୍ୱୀକୃତି ଅଛି, କିନ୍ତୁ ନବମ, ଦଶମ ଓ ଯୁକ୍ତ ଦୁଇର ଆନୁସଙ୍ଗିକ ବ୍ୟବସ୍ଥା ଅଛି। ସରକାରୀ ସ୍ୱୀକୃତି ନଥାଇ ସେମାନେ ନବମ, ଦଶମ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ପିଲାଙ୍କୁ ପଢାଇ ଅନ୍ୟ ସ୍କୁଲ ଅଧୀନରେ ପରୀକ୍ଷା ଦେଉଛନ୍ତି। ଏହା ପୁରୁଣା ବ୍ୟବସ୍ଥା। ଏହା ଗ୍ରହଣୀୟ। କାରଣ ପିଲାଟି ସ୍କୁଲ ଯାଉଛି। ପାଠପଢା, ଖେଳକୁଦ ଓ ଭୋକେସନାଲ ଶିକ୍ଷା ତଥା ବ୍ୟକ୍ତିତ୍ୱ ଓ ଚରିତ୍ର ଗଠନର ସୁଯୋଗ ପାଉଛି। ସେଠାରେ ସେ ଅଯଥା ଚାପ ଓ ପ୍ରତିଯୋଗିତାରେ ହନ୍ତସନ୍ତ ହେଉନାହିଁ।କିଛି ବର୍ଷ ପରେ ସେହି ସ୍କୁଲଗୁଡିକ ମଧ୍ୟ ସ୍ୱୀକୃତି ପାଉଛନ୍ତି।ମାତ୍ର କେବଳ କୋଚିଂ ସଂସ୍ଥା ହୋଇ ପିଲାଙ୍କୁ ନାମ ଲେଖାଇଥିବା ସ୍କୁଲକୁ ନପଠାଇ ଖାଲି କୋଚିଂ ଦେଇ ପରୀକ୍ଷା ଦେବା ବ୍ୟବସ୍ଥା କରାଇବା ଗର୍ହିତ ଅପରାଧ। ଶିକ୍ଷା ବ୍ୟବସ୍ଥା ପାଇଁ ଅଭିଶାପ।

ସର୍ବଶେଷରେ ବିଲେଇ ବେକରେ ଘଣ୍ଟି ବାନ୍ଧିବାକୁ ଚେଷ୍ଟା କରିଥିବା ଆମ୍ଭେ ଅନୁରୋଧ କରୁକି ଶିକ୍ଷା ବ୍ୟବସ୍ଥାର ଏହି ଘୁଣ ପୋକକୁ ମୃତ୍ୟୁଦଣ୍ଡ ଦିଆଯାଉ ଓ ଏହାର ପ୍ରୋତ୍ସାହନକାରିକୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେଇ ଦେଶର ଶିକ୍ଷାକୁ ବଞ୍ଚାଯାଉ ଓ ଦେଶର ବିକାଶ ରଥର ଚକ ମଜବୁତ ହେଉ।

**ଲକ୍ଷ୍ମୀକାନ୍ତ ମିଶ୍ର**
ସମାଜସେବୀ, ଭୁବନେଶ୍ୱର

**Point of View**

# Justice doesn't Start in Court- It Starts with Awareness

In recent times, important observations from the Supreme Court of India and various High Courts have brought a much-needed conversation back into focus-law is not meant to exist only in books, courtrooms, or among legal professionals. It is meant to be understood by the very people it is designed to protect.

This may sound obvious, but in reality, a large section of our society still lives at a distance from the law. Rights exist, remedies exist, protections exist-but awareness does not. And without awareness, even the strongest legal framework becomes ineffective.

The courts have rightly pointed out that access to justice is not limited to the ability to approach a court. It begins much earlier-with the ability to understand that a wrong has been committed, to know that a remedy exists, and to have the confidence to seek it. This understanding is not instinctive; it comes only through legal education and awareness.

Institutions like the Legal Services Authorities have been entrusted with the responsibility of bridging this gap. However, the challenge today is not just about conducting awareness camps or distributing pamphlets. It is about making the law relatable. It is about explaining rights in a language people speak, in situations they recognize, and in a manner they can act upon.



From my experience of working closely with individuals, businesses, and institutions, one reality stands out clearly-people do not avoid the law; they avoid what they do not understand. A small business owner hesitates to enforce contractual rights. An employee tolerates workplace harassment. A consumer accepts unfair practices. Not because the law is absent, but because clarity is.

The observations of the judiciary also highlight a deeper concern-the gap between legal knowledge and its practical application. Laws are often drafted with precision, but not always with accessibility. Procedures are designed for accuracy, but not necessarily for ease. This creates a system where the law exists, but its reach remains limited.

If we truly aim for a just society, legal awareness cannot remain a secondary effort. It must become part of our everyday conversations-within workplaces, schools, communities, and businesses. The use of simple language, regional communication, and digital platforms can play a transformative role in this direction.

The message from the courts is clear, and it is timely. Justice should not begin at the courtroom door. It should begin at the level of understanding. Because when people understand the law, they do not just seek justice-they strengthen it.

**Adv. Ssonali Satpathy**
advocatesonalisatpathy@gmail.com

## CMO Decides



# ସହଜ ହେବ ସିଟି ଗ୍ୟାସ୍ ବିତରଣ

ଭୁବନେଶ୍ୱର ସହରାଞ୍ଚଳରେ ଗ୍ୟାସ୍ ବିତରଣ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ସିଟି ଗ୍ୟାସ୍ ବିତରଣ ନୀତିକୁ କ୍ୟାବିନେଟ୍ ମଞ୍ଜୁରି ମିଳିଛି। ଏହି ନୀତି ଦ୍ୱାରା ରାଜ୍ୟରେ ପାଇପ୍‌ଡ୍ ନାଚୁରାଲ୍ ଗ୍ୟାସ୍ (ପିଏନ୍‌ଜି) ଓ କମ୍ପ୍ରେସ୍‌ଡ ନାଚୁରାଲ୍ ଗ୍ୟାସ୍ (ସିଏନ୍‌ଜି) ଭିତ୍ତିଭୂମିର ସମ୍ପ୍ରସାରଣ ତ୍ୱରାନ୍ୱିତ ହେବ। ସିଟି ଗ୍ୟାସ୍ ବିତରଣ ପ୍ରକଳ୍ପଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହୋଇପାରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ୩୯ତମ କ୍ୟାବିନେଟ୍ ବୈଠକରେ ୮ଟି ବିଭାଗର ୮ଟି ପ୍ରସ୍ତାବ ପାରିତ ହୋଇଥିଲା। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ପୂର୍ବରୁ ସିଟି ଗ୍ୟାସ୍ ବିତରଣ ପ୍ରକଳ୍ପଗୁଡ଼ିକ ଅହେତୁକ ବିଳମ୍ବ ହେଉଥିଲା। ବିଭିନ୍ନ ସଂସ୍ଥାଠାରୁ ଅନୁମତି ପାଇବାରେ ବିଳମ୍ବ ଏବଂ ଏକ ସମନ୍ୱିତ ନୀତିର ଅଭାବ ହିଁ ପ୍ରକଳ୍ପ କାର୍ଯ୍ୟକାରିତାରେ ବାଧକ ଥିଲା। ନୂଆ ନୀତି ଏହି ପ୍ରକ୍ରିୟାକୁ ସରଳୀକୃତ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ନୂଆ ନୀତି ଦ୍ୱାରା ବିଭିନ୍ନ ବିଭାଗୀୟ ଅନୁମତି ପ୍ରକ୍ରିୟା ସହଜ ହେବ ଏବଂ ସ୍ୱଚ୍ଛ ଢାଳେଣି ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ। ପ୍ରକଳ୍ପ ସମ୍ପତ୍ତିର ଠିକ୍ ପରିଚାଳନା ମାଧ୍ୟମରେ ନିରାପଦ ଓ ନିରନ୍ତର ଗ୍ୟାସ୍ ଯୋଗାଣ ନିଶ୍ଚିତ ହୋଇପାରିବ। ସ୍ୱଚ୍ଛ ଭାରତ ମିସନ୍ ଅନ୍ତର୍ଗତ କମ୍ପ୍ରେସ୍‌ଡ ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆବଶ୍ୟକ ସମନ୍ୱୟ ରକ୍ଷା କରାଯାଇପାରିବ। ଗୃହ ଓ ନଗର ଉନ୍ନୟନ ବିଭାଗ ଏହାର ନୋଡାଲ୍ ଏଜେନ୍ସି ଭାବେ କାର୍ଯ୍ୟ କରିବ। ଏହାର ସଫଳ ରୂପାୟନ ପାଇଁ ଏକ ରାଜ୍ୟସ୍ତରୀୟ ଅଧିକାରୀ କମିଟି ଓ ଜିଲ୍ଲାସ୍ତରୀୟ ତଦାରଖ କମିଟି ଗଠନ କରାଯିବ। ଏହା ଘରୋଇ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏଥିସହ ୨୦୨୭ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁମୋଦନ ଶୁଳ୍କ ଉପରେ ରିହାତି ପ୍ରଦାନ କରିବାକୁ ପ୍ରସ୍ତାବ ଦିଆଯାଇଛି।

# ୭ଟି ବିଭାଗରେ ନିଯୁକ୍ତି ପାଇଲେ ୪,୬୨୩

ସରକାରୀ ଚାକିରୀ କେବଳ ଏକ ଜୀବିକା ନୁହେଁ, ଜନସାଧାରଣଙ୍କ ସେବା କରିବା ପାଇଁ ଏକ ଅନନ୍ୟ ସୁଯୋଗ ବୋଲି ୧୫ ତମ ନିଯୁକ୍ତି ମେଳା ଅବସରରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମ ଠାରେ ଆୟୋଜିତ ନିଯୁକ୍ତିମେଳା ଅବସରରେ ୭ଟି ବିଭାଗର ସମୁଦାୟ ୪୬୨୩ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୪୧୧୩ ଜଣ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ୧୫୪ ଜଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗରେ ୧୪୩ ଜଣ, ଇସ୍ପାତ ଓ ଖଣି ବିଭାଗରେ ୭୭ ଜଣ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗରେ ୭୦ ଜଣ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୫୨ ଜଣ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ବିଭାଗରେ ୧୪ ଜଣ ନିଯୁକ୍ତି ପତ୍ର ପାଇଛନ୍ତି । ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶାସନ ଓ ପ୍ରଶାସନ ବ୍ୟବସ୍ଥାରେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ହେଉଛନ୍ତି, ସରକାରଙ୍କ ପ୍ରକୃତ ଚେହେରା । ଆମ ସମସ୍ତଙ୍କର ଲକ୍ଷ୍ୟ ହେଉଛି, ଅନ୍ତିମ ଶ୍ରେଣୀରେ ଥିବା ବ୍ୟକ୍ତି ପାଖରେ ସରକାରୀ ସୁବିଧା ପହଞ୍ଚାଇବା । ବର୍ତ୍ତମାନ ସାଧାରଣ ଲୋକ ଅନୁଭବ କରୁଛନ୍ତି, ଏ ସରକାର ହେଉଛି ପ୍ରକୃତରେ ଲୋକଙ୍କ ସରକାର । ଏହି ଭାବନାକୁ ଆପଣମାନେ ଆଗେଇନେଲେ, ସରକାରୀ ଚାକିରୀର ମର୍ଯ୍ୟାଦା ରହିବ ଏବଂ ଆପଣମାନେ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବେ ବୋଲି ସେ କହିଥିଲେ।

ରାଜ୍ୟରେ ଯୁବବର୍ଗଙ୍କ ନିଯୁକ୍ତି ସମ୍ବନ୍ଧରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୪ ଜୁନ ମାସରୁ ଆଜି ସୁଦ୍ଧା ସରକାରୀ ଚାକିରୀରେ ୪୪,୦୮୨ ଓ ବେସରକାରୀ କ୍ଷେତ୍ରରେ ୯୨,୦୦୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଗଲାଣି ।

୧-ଦୁର୍ନୀତିରୁ ସବୁବେଳେ ଦୂରେଇ ରୁହନ୍ତୁ, ଦୁର୍ନୀତି ବିରୁଦ୍ଧରେ ସରକାର ଶୂନ୍ୟସହନଶୀଳତା ଅବଲମ୍ବନ କରୁଛନ୍ତି, ୨- ଗଣତନ୍ତ୍ରରେ ଜନତା ହେଉଛନ୍ତି ଭଗବାନ ଓ ଜନତାଙ୍କ ସ୍ୱର ହିଁ ଭଗବାନଙ୍କ ସ୍ୱର । ତେଣୁ ସହୃଦୟତାର ସହିତ ନିଜ ନିଜ ସ୍ତରରେ ଜନତାଙ୍କ କଥା ଶୁଣିବେ ଓ ତା'ର ସମାଧାନ କରିବାକୁ ଚେଷ୍ଟା କରିବେ, ୩-କାର୍ଯ୍ୟ ସମ୍ପାଦନ କରିବା ସମୟରେ ନିଜର ବୈଚାରିକ ମତ ପ୍ରତିବନ୍ଧକ ହେବା ଉଚିତ ନୁହେଁ । ସରକାରଙ୍କ ଆଭିମୁଖ୍ୟ ହିସାବରେ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବେ ।

୪-ସମୟାନୁବର୍ତ୍ତିତା-ନିର୍ଦ୍ଦିଷ୍ଟ ସମୟ ଭିତରେ କାର୍ଯ୍ୟ ସମ୍ପାଦନ କରିବେ ଓ ୫-କାର୍ଯ୍ୟକ୍ଷେତ୍ରରେ ଭଦ୍ର ଓ ଶାଳୀନତା ସହିତ ବାର୍ତ୍ତାଳାପ ଓ ବ୍ୟବହାର ପ୍ରଦର୍ଶନ କରିବେ । ନଚେତ୍ ନିଜେ ବଦନାମ୍ ହେବା ସହିତ ସରକାର ବଦନାମ୍ ହେବାର ଆଶଙ୍କା ରହିଛି ।

- ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ବକେୟା ରାଜସ୍ୱ ମାଫ୍ ଓ ଜମିପଟ୍ଟା ସଂଶୋଧନ କାର୍ଯ୍ୟକୁ ଆସନ୍ତା ମଇ ୩୦ ମଧ୍ୟରେ ସମ୍ପନ୍ନ କରିବାକୁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି।
- ରାଜ୍ୟ ସରକାରୀ ଉଦ୍ୟୋଗ କର୍ମଚାରୀଙ୍କୁ ମନଇଚ୍ଛା ବୋନସ୍ ବା ପ୍ରୋତ୍ସାହନ ରାଶି ମିଳିପାରିବ ନାହିଁ। ଏହା ସେମାନଙ୍କ ବ୍ୟକ୍ତିଗତ କାର୍ଯ୍ୟଦକ୍ଷତା ଏବଂ ସଂସ୍ଥା ଲାଭ ଉପରେ ନିର୍ଭର କରିବ ।
- ଏଣିକି ଜରୁରି ମାମଲା ଛାଡି ଅନ୍ୟ ଦଲିଲ୍ ନିବନ୍ଧନ ପ୍ରକ୍ରିୟା କାର୍ଯ୍ୟାଳୟ ବାହାରେ ପଞ୍ଜୀକରଣ ଉପରେ ରୋକ ଲଗାଇଛି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ।

## Vision Statement

**Romancha Ranjan Biswal, MLA, Deogarh**



# ଦେବଗଡ଼କୁ ଦାର୍ଜିଲିଂ କରିବା ଲକ୍ଷ୍ୟ

ଦେବଗଡ଼ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ । ପ୍ରଥମ ଥର ପାଇଁ ବିଧାନସଭାରେ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ସେ ନିଜ ନିର୍ବାଚନମଣ୍ଡଳୀର ବିକାଶ ଓ ଲୋକଙ୍କ ସେବା ପାଇଁ ବେଶ୍ ଯତ୍ନବାନ ଏବଂ ନିଷ୍ଠାପର । ଦେବଗଡ଼ ଗୋଟିଏ ଜିଲ୍ଲାକୁ ନେଇ ଗୋଟିଏ ନିର୍ବାଚନମଣ୍ଡଳୀ । ତିନୋଟି ବ୍ଲକ ଓ ଗୋଟିଏ ମ୍ୟୁନିସିପାଲିଟିକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ । ଦେବଗଡ଼ ସାରା ଓଡ଼ିଶାରେ ଏକ ସୁନ୍ଦର ଜାଗା । ବଣ ଜଙ୍ଗଲ ଘେରା ପ୍ରାକୃତିକ ପରିବେଶରେ ଶୂନ୍ୟ ପ୍ରଦୂଷଣରେ ଲୋକମାନେ ଶାନ୍ତିରେ ବସବାସ କରୁଛନ୍ତି । ଏଠାରେ ଖଣି, କାରଖାନା କିମ୍ବା ଟ୍ରେନ ଲାଇନ୍ ନାହିଁ । ଏହି ଜିଲ୍ଲା ଚାରିପଟେ ୫ଟି ଧନୀ ଜିଲ୍ଲା ଯଥା ଅନୁଗୁଳ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ରହିଛି । ଏହି ୫ଟି ଜିଲ୍ଲାର ଜିଲ୍ଲା ଖଣିଜ ପାଣ୍ଠି (DMF) ଅର୍ଥରାଶି ଦେବଗଡ଼ର ବିକାଶରେ ଖର୍ଚ୍ଚ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ଆହୁରି ମଧ୍ୟ କୃଷିଭିତ୍ତିକ ଶିଳ୍ପ, ପର୍ଯ୍ୟଟନ ଓ ଶିକ୍ଷାନୁଷ୍ଠାନ ମାଧ୍ୟମରେ ନିଜ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ଶ୍ରୀ ବିଶ୍ୱାଳ ଲକ୍ଷ୍ୟ ରଖିଛନ୍ତି । ଦେବଗଡ଼କୁ ଓଡ଼ିଶାର ଦାର୍ଜିଲିଂ ଭାବେ ବିକଶିତ କରିବା ତାଙ୍କର ବଡ଼ ସ୍ୱପ୍ନ । ଯେତେବେଳେ ଓଡ଼ିଶାର ଅନ୍ୟ ଜିଲ୍ଲାର ଲୋକେ ପ୍ରଦୂଷଣ ଓ ଧୂଳିଧୂଆଁରେ ହନ୍ତସନ୍ତ ହୋଇଯିବେ ସେମାନେ ଶାନ୍ତିରେ ଅବସର ବିନୋଦନ ପାଇଁ ଦେବଗଡ଼ ଆସିବେ । ଦେବଗଡ଼ର ପର୍ଯ୍ୟଟନ କ୍ଷେତ୍ରରେ ସବୁଠୁ ବଡ଼ ସମ୍ପଦ ହେଉଛି ପ୍ରଧାନପାଟ ଜଳପ୍ରପାତ । ପ୍ରଧାନପାଟ ଉତ୍ସବ ସହ ଏହାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ବିଧାୟକ କାର୍ଯ୍ୟ କରୁଛନ୍ତି । ଆଗାମୀ ଦିନରେ ଜିଲ୍ଲାକୁ କିପରି ଅଧିକ ପର୍ଯ୍ୟଟକ ଆସିବେ ସେଥିପ୍ରତି ସେ ଉଦ୍ୟମ କରୁଛନ୍ତି । ଏଥିସହ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରିବାକୁ ବିଧାୟକ ପ୍ରତି ପଞ୍ଚାୟତକୁ ୱାଟର ଟ୍ୟାଙ୍କର ଯୋଗାଇ ଦେଇଛନ୍ତି । ଦେବଗଡ଼କୁ ସବୁ କ୍ଷେତ୍ରରେ ଅଗ୍ରଣୀ କରିବାକୁ ତାଙ୍କର ଚେଷ୍ଟା ଜାରି ରହିଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଭିତ୍ତିଭୂମି ବିକାଶରେ ସୁଧାର ଆଣିବାକୁ ତାଙ୍କର ପ୍ରୟାସ ଚାଲିଛି । ନିର୍ବାଚନମଣ୍ଡଳୀର ଲୋକେ ଯେପରି ରାଜଧାନୀ ଭୁବନେଶ୍ୱରରେ ବିନା ମୂଲ୍ୟରେ ଓ ସୁବିଧାରେ ରହିପାରିବେ ସେଥିପାଇଁ ନିଜ MLA କଲୋନୀସ୍ଥିତ ସରକାରୀ ବାସଭବନକୁ 'ଦେବଗଡ଼ ନିବାସ'ରେ ପରିଣତ କରିଛନ୍ତି । ମେଡିକାଲ କିମ୍ବା ପ୍ରତିଯୋଗିତାମୂଳକ ପରୀକ୍ଷା ଦେବାକୁ ଆସୁଥିବା ଛାତ୍ରଛାତ୍ରୀମାନେ ଏଠାରେ ରହୁଛନ୍ତି । ଶ୍ରୀ ବିଶ୍ୱାଳଙ୍କ ପଦକ୍ଷେପକୁ ଦେଖି ରାଜ୍ୟ ସରକାର ପ୍ରତି ଜିଲ୍ଲାର ଲୋକଙ୍କ ପାଇଁ ରାଜଧାନୀରେ ନିବାସ ନିର୍ମାଣ କରିବେ ବୋଲି ଏବେ ରାଜସ୍ୱ ମନ୍ତ୍ରୀ ଘୋଷଣା କରିଛନ୍ତି ।

## CSR Record

# LVPEI@Home: L V Prasad Eye Institute's Unique Service for the Elderly

LVPEI@Home is an innovative at-home eye care service that provides quality eye care in the comfort of their home, for the elderly and mobility challenged. Building on a shared commitment to eliminate avoidable blindness and improve access to quality eye care, L V Prasad Eye Institute (LVPEI) and Standard Chartered Bank's 'Seeing is Believing'continues to expand the scope and impact of LVPEI@Home. The partnership reflects a shared vision of building sustainable healthcare models, in response to India's growing elderly population and evolving healthcare needs.

Since its inception on World Sight Day 2024, LVPEI@Home has offered its services to over 66590 elderly and mobility challenged. 950 spectacles were dispensed at no cost to the elderly from economically disadvantaged backgrounds, and 326 surgeries were performed. It has significantly strengthened access to comprehensive eye care services in and around the eight centres (Hyderabad, Bhubaneswar, Visakhapatnam, Vijayawada, Madanapalle, Siricilla, Berhampur) offering this service.

Delivering Eye Care at the Doorstep



LVPEI@Home is presently available at eight locations (Four Urban & Four Rural) across the LVPEI network with plans to expand to more. The service enables patients to schedule appointments via phone, following which a trained vision technician or optometrist conducts a comprehensive eye examination at home.

"LVPEI@Home is transforming eye care for our ageing population by bringing world-class diagnostics and treatment right to their doorsteps, preventing blindness, where mobility is a barrier," says Dr Suryasnata Rath, Network Head – Elderly Eye Care &LVPEI@Home, at the Mithu Tulsi Chanrai campus,Bhubaneswar.

# Vedanta Aluminium Deploys Heat Relief Efforts across Jharsuguda

Vedanta Aluminium, India's largest producer of aluminium, has deployed multi-prongedheat relief efforts in Jharsuguda, one of the districts currently experiencing severe heat stress amid ongoing heat wave conditions in western Odisha, to mitigate health risks and facilitate easier access to drinking water during the peak summer months. Aimed at supporting both employees and community members, the initiatives are set to benefit more than 2 lakh people. As part of these efforts, the company has established 6 water kiosks, locally known as Jalachhatras, in high footfall locations across Jharsuguda, including BTM Chowk, Kishan Chowk, New Bus Stand Chowk, Badheimunda Chowk and Old Bus Stand Chowk. Strategically positioned to serve residents, commuters and daily wage workers, these kiosks offer vital respite from



extreme summer heat.Additionally, drinking water supply has been strengthened through tankers and dedicated distribution points at over 20 locations in Jharsuguda, ensuring consistent access to safe and potable water even in the most remote habitations. Highlighting the significance of the initiative, C Chandru, CEO-Vedanta Jharsuguda, said "The health and wellbeing of our employees and the communities around us remain a top priority.

## Department Digest

# TOURISM: ଓଡ଼ିଶା ପର୍ଯ୍ୟଟନର ନୂଆ ଟ୍ୟାଗ୍‌ଲାଇନ୍ 'Think India, Think Odisha'

ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ନୂତନ ବ୍ରାଣ୍ଡ ପରିଚୟ ଏବଂ ଟ୍ୟାଗଲାଇନ୍ "Think India, Think Odisha" ଉନ୍ମୋଚିତ ହୋଇଯାଇଛି। ରାଜ୍ୟର ପର୍ଯ୍ୟଟନକୁ ଏକ ଅନୁଭୂତି-ଭିତ୍ତିକ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବରେ ଗଢ଼ିତୋଳିବା ପାଇଁ ଏହା ଏକ ଦୃଢ଼ ପଦକ୍ଷେପ। ଭିଜନ ସମୃଦ୍ଧ ଓଡ଼ିଶା ୨୦୩୬ ଏବଂ ଭିଜନ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ସହିତ ସମାନ୍ତରାଳ ଭାବେ ଓଡ଼ିଶା ଏବେ ଏକ "ଲୁକ୍କାୟିତ ରତ୍ନ"ରୁ ପରିବର୍ତ୍ତିତ ହୋଇ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ପର୍ଯ୍ୟଟନ ହବ୍ ଭାବେ ଉଭା ହୋଇଛି। ପୁରୀର ତାଜ୍ ରିସୋର୍ଟ ଆଣ୍ଡ ସ୍ପାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ "OMC ପୁରୀ କୋଷ୍ଟାଲ ମାରାଥନ" ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପର୍ଯ୍ୟଟନ ବିଭାଗର କମିଶନର ତଥା ସଚିବ ବଲୱନ୍ତ ସିଂହ ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଉପ-ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ଓଡ଼ିଶା ଏବେ ଏକ ଉଚ୍ଚ-ପ୍ରଦର୍ଶନକାରୀ ପର୍ଯ୍ୟଟନ ଅର୍ଥନୀତି ଆଡ଼କୁ ଗତି କରୁଛି। ନୂଆ ଟ୍ୟାଗଲାଇନ୍ ବିଶ୍ୱବାସୀଙ୍କୁ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ମାଧ୍ୟମରେ ଭାରତକୁ ପୁନଃ ଆବିଷ୍କାର କରିବାକୁ ନିମନ୍ତ୍ରଣ କରିବ।

# SCHOOL & MASS EDUCATION: ଜିଏମ୍‌ଏପିଭି ଯୋଜନା ଅଧୀନରେ ବିଦ୍ୟାଳୟ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଚିଠି

ରାଜ୍ୟରେ ଗ୍ରାମପଞ୍ଚାୟତ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ (GMAPV) ଯୋଜନା ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏକ ପ୍ରମୁଖ କାର୍ଯ୍ୟକ୍ରମ । ଏହି ଯୋଜନା ଅଧୀନରେ, ପ୍ରଥମ ପର୍ଯ୍ୟାୟରେ ୧୧୮ଟି ବିଦ୍ୟାଳୟ ଚୟନ କରାଯାଇ ରାଜ୍ୟସ୍ତରୀୟ ଶିଳାନ୍ୟାସ କାର୍ଯ୍ୟକ୍ରମ ୨୦୨୬ ଜାନୁଆରୀ ୭ରେ ଆୟୋଜିତ ହୋଇଥିଲା । ପୁନଶ୍ଚ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୨୧୨ଟି ବିଦ୍ୟାଳୟ ମଧ୍ୟ ଇତିମଧ୍ୟରେ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି | ଏତଦ୍ ବ୍ୟତୀତ ଉକ୍ତ ଯୋଜନା ଅଧୀନରେ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଗ୍ରାମପଞ୍ଚାୟତଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ। ଏହି ଯୋଜନା ଅଧୀନରେ ବିଦ୍ୟାଳୟ ନିର୍ମାଣ ପାଇଁ ୫ ଏକର ଉପଯୁକ୍ତ ଜମି ଅଗ୍ରାଧିକାର ଭିତ୍ତିରେ ଚିହ୍ନଟ କରିବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ସମନ୍ୱୟରେ ବିଦ୍ୟାଳୟ ନିର୍ମାଣ ପାଇଁ ୫ ଏକର ଉପଯୁକ୍ତ ସରକାରୀ ଜମି ଚିହ୍ନଟ କରିବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କ୍ଷମତାପନ୍ନ କର୍ତ୍ତୃପକ୍ଷ ଆବଶ୍ୟକ ଅଧିଗ୍ରହଣ ଫର୍ମ୍ ଦାଖଲ କଲେ, ଚିହ୍ନଟ ହୋଇଥିବା ଜମିକୁ ଉକ୍ତ ବିଭାଗ ପକ୍ଷରେ ହସ୍ତାନ୍ତର ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

## Realty Reality

# Speed, Cost, Efficient & Smart: Prefab Gains Ground in Bhubaneswar Realty

### Faster construction, lower costs, and sustainability drive adoption in Odisha's growing real estate market



As the city's real estate sector expands rapidly, prefabricated (prefab) construction materials are emerging as a transformative force in both residential and commercial development. Driven by the need for faster project delivery, cost efficiency, and sustainable practices, developers in Bhubaneswar are gradually embracing this modern construction methodology.

Prefab construction involves manufacturing building components—such as walls, panels, and structural modules—in factories and assembling them on-site. This shift from traditional brick-and-mortar techniques to off-site production is significantly reducing construction timelines. In many cases, prefab structures can be completed in weeks rather than months, offering a major advantage in a market where timely delivery is critical.

The economic benefits are equally compelling. Prefabrication minimizes material wastage, reduces labour dependency, and ensures better quality control through standardized production. Developers often achieve lower overall project costs due to reduced labour hours and efficient resource utilization, making prefab an attractive option for both affordable housing and large-scale commercial projects.

In Bhubaneswar, where infrastructure growth is accelerating through booming real estate and office construction sector, and housing schemes, prefab materials are particularly relevant. Government-backed programmes such as Pradhan Mantri Awas Yojana (PMAY) have increased the demand for faster and scalable housing solutions, indirectly supporting the adoption of prefab techniques. The broader Indian prefab construction market itself is witnessing strong growth, projected to expand steadily in the coming years due to urbanization and housing demand.
From a sustainability perspective, prefab construction aligns well with modern environmental goals. Factory-based production leads to up to 20% reduction in material waste and better energy efficiency compared to conventional construction. Additionally, reduced on-site activity lowers dust, noise, and environmental disruption, an important factor in urban areas like Bhubaneswar.

However, challenges remain. Limited awareness among buyers, higher initial setup costs, and logistical issues in transporting large prefab components can slow adoption. There is also a perception among some consumers that prefab structures are less durable, though modern technology has largely addressed these concerns.

Despite these hurdles, the outlook remains positive. With Bhubaneswar evolving into a key Tier-II real estate hub, prefab materials are set to play a crucial role in shaping the city's construction future. As developers seek speed, efficiency, and sustainability, prefab construction is no longer an alternative—it is fast becoming a necessity.

## Market Trend

# From Rally to Resistance:

## Indian Markets Enter Consolidation Phase

Last fortnight, Indian stock markets witnessed a highly volatile yet range-bound phase, shaped largely by global macroeconomic developments and fluctuating crude oil prices. The period began on a strong note, with benchmark indices rallying sharply on April 15—Sensex surged past 78,000 and Nifty crossed 24,200—driven by optimism around easing geopolitical tensions and improved global sentiment.
However, this optimism proved short-lived. In the days that followed, markets struggled to sustain momentum as rising crude oil prices and uncertainty around the war weighed heavily on investor sentiment. By April 24, both indices had declined around 1% in multiple sessions, reflecting cautious trading and risk aversion, particularly in IT and oil-sensitive sectors.
On April 29, markets rebounded strongly, with the Sensex gaining over 600 points and the Nifty approaching the 24,200 mark again, supported by gains in FMCG, auto, and telecom stocks.
Yet, volatility persisted till the end



of the month. On April 30, markets again turned weak as crude oil surged sharply, triggering broad-based selling across sectors. The Nifty slipped below 24,000 while the Sensex fell over 1%, highlighting the continued sensitivity of Indian equities to global energy prices and geopolitical risks.
The April 15–30 phase underscores a classic "push-pull" market dynamic—where strong domestic liquidity and buying interest are counterbalanced by global uncertainties, especially oil and foreign fund outflows. While underlying resilience remains intact, the market appears to be in a consolidation zone, awaiting clearer global cues for a decisive directional move.

## Health & Wealth

# Rising Need For Rheumatology Care in Today's World

### Dr. Prativa Sethi, Clinical Immunologist & Rheumatologist



The human immune system is a finely balanced network that protects the body from disease while maintaining internal harmony. However, when this system turns against the body, it leads to autoimmune and rheumatological disorders—conditions that are often chronic, complex, and life-altering. The field of Clinical Immunology and Rheumatology plays a crucial role in diagnosing and managing these conditions, significantly improving patients' quality of life.

Dr. Prativa Sethi, a dedicated Clinical Immunologist and Rheumatologist, emphasizes the growing importance of early recognition and management of autoimmune diseases. "With the increasing burden of immune-mediated disorders, timely intervention and specialized care are more important than ever," she notes. Currently serving as an Assistant Professor in Rheumatology at IMS & SUM Medical College and Hospital, Bhubaneswar, Dr. Sethi is actively involved in both patient care and academic training. Her role allows her to contribute not only to clinical excellence but also to shaping the next generation of physicians. Dr. Sethi completed her MBBS from AIIMS Bhubaneswar, followed by an MD in Internal



Medicine from AIIMS Rishikesh. Driven by her passion for understanding complex immune disorders, she pursued a DM in Clinical Immunology and Rheumatology from AIIMS Rishikesh—one of India's premier institutions. Her academic journey reflects both excellence and a commitment to advancing medical knowledge.

Beyond clinical practice, Dr. Sethi has a deep interest in research. She has contributed to several national and international journals, adding valuable insights to the field of rheumatology. Her work has also gained international recognition, including presentation at the prestigious American College of Rheumatology Convergence in the United States, where she shared her research with global experts.

"Medicines may control disease, but compassionate care transforms lives," Dr. Sethi believes. Known for her patient-centered approach, she focuses not just on treating illness but on understanding each patient's journey. Her empathetic communication and holistic outlook make her a trusted name among patients.

Dr. Sethi envisions making rheumatology care more accessible and affordable, particularly in Odisha, where specialized services remain limited. Her goal is to bridge this gap by establishing comprehensive and patient-friendly rheumatology care services in the region.

With her blend of clinical expertise, research acumen, and unwavering dedication to patient care, Dr. Prativa Sethi represents a new generation of physicians committed to advancing healthcare while staying rooted in compassion.

▶ Continued From P1

## ଇନୋଭେସନ ଇକୋସିଷ୍ଟମ

**ଆପଣଙ୍କର ଏହି ଷ୍ଟାର୍ଟଅପ୍ ସ୍ଥାନୀୟ ନିଯୁକ୍ତି କ୍ଷେତ୍ରରେ କିପରି ଅବଦାନ ଦେଉଛି?**
ଆମର ଏହି ପ୍ରୋଜେକ୍ଟ ଦ୍ୱାରା manufacturing, installation ଏବଂ supply chain କ୍ଷେତ୍ରରେ ଅନେକ ନୂତନ ସୁଯୋଗ ସୃଷ୍ଟି ହେଉଛି। ଏହା ସ୍ଥାନୀୟ ଶିକ୍ଷିତ ଯୁବପିଢ଼ିଙ୍କ ପାଇଁ ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ନିଯୁକ୍ତି ସୃଷ୍ଟି କରିବାରେ ସହାୟକ ହେଉଛି।

**ଆଗାମୀ ଦିନରେ ଏହି ପ୍ରଡକ୍ଟକୁ ବିଶ୍ୱ ବଜାରରେ ପହଞ୍ଚାଇବା ପାଇଁ ଆପଣଙ୍କର କି ପ୍ରକାର ଯୋଜନା ରହିଛି?**
ଆମେ ବିଶେଷ କରି ମଧ୍ୟପ୍ରାଚ୍ୟ ଏବଂ ୟୁରୋପ ଭଳି ସ୍ଥାନଗୁଡ଼ିକରେ ହେଉଥିବା ସ୍ମାର୍ଟ ସିଟି ପ୍ରୋଜେକ୍ଟଗୁଡ଼ିକୁ ଟାର୍ଗେଟ୍ କରୁଛୁ। ବିଶ୍ୱସ୍ତରୀୟ ବଜାରରେ ପ୍ରବେଶ କରିବା ପାଇଁ ବିଭିନ୍ନ ଅନ୍ତର୍ଜାତୀୟ ପ୍ରମାଣପତ୍ର ଏବଂ ରଣନୈତିକ ସହଭାଗିତା ଉପରେ ଆମେ ଗୁରୁତ୍ୱ ଦେଉଛୁ।

**ଭବିଷ୍ୟତର ସ୍ମାର୍ଟ ସିଟି ପାଇଁ carbonout କିପରି ନିଜକୁ ପ୍ରସ୍ତୁତ କରୁଛି?**
ସ୍ମାର୍ଟ ସିଟିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମେ IoT ଇଣ୍ଟିଗ୍ରେସନ, ଡେଟା ଆନାଲିଟିକ୍ସ ଏବଂ ସ୍ମାର୍ଟ ମୋବିଲିଟି ସଲ୍ୟୁସନ ଉପରେ କାମ କରୁଛୁ। ସହରଗୁଡ଼ିକର ଯାତାୟାତ ଏବଂ ପରିଚାଳନାକୁ ଅଧିକ ବୁଦ୍ଧିମାନ ତଥା ସହଜ କରିବା ପାଇଁ Carbonout ସକ୍ରିୟ ଭାବେ ନୂତନ ଜ୍ଞାନକୌଶଳ ପ୍ରସ୍ତୁତ କରୁଛି।

**ଆପଣ Smart Parking with Paver 360 ପ୍ରଡକ୍ଟ ଜରିଆରେ ସମାଧାନ ଦେଉଛନ୍ତି । ଏହା କିପରି ଜଣେ ଚାଳକଙ୍କୁ ସହର ମଧ୍ୟରେ ଖାଲି ପାର୍କିଂ ସ୍ଥାନ ଖୋଜିବାରେ କିମ୍ବା ପାର୍କିଂ ବ୍ୟବସ୍ଥାକୁ automated କରିବାରେ ସାହାଯ୍ୟ କରିବ?**
ଆମର ସେନ୍ସରଗୁଡ଼ିକ ପାର୍କିଂ ସ୍ଥଳରେ କେଉଁ ସ୍ଲଟ୍ ଖାଲି ଅଛି ତାହା ତୁରନ୍ତ ଚିହ୍ନଟ କରିପାରିବେ। ଏହି ସୂଚନା ମୋବାଇଲ ଆପ୍ ଏବଂ ଡିସପ୍ଲେ ବୋର୍ଡ ମାଧ୍ୟମରେ ରିଅଲ-ଟାଇମରେ ଗ୍ରାହକଙ୍କୁ ଦିଆଯିବ, ଯାହା ଫଳରେ ଗାଡ଼ି ଚାଳକଙ୍କ ସମୟ ବଞ୍ଚିବ ଏବଂ ଅଯଥା ପାର୍କିଂ ଖୋଜିବା ଯୋଗୁଁ ନଷ୍ଟ ହେଉଥିବା ଜାଳେଣି ମଧ୍ୟ ସଞ୍ଚୟ ହେବ।

**ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ Carbonout ସହାୟକ ହେବ ବୋଲି ଆପଣ ଆଶାବାଦୀ, ଜଣେ ଫାଉଣ୍ଡର ଭାବରେ, ଆପଣ ଓଡ଼ିଶାକୁ ଭାରତର Green Tech Hub ଭାବରେ ଗଢ଼ିତୋଳିବା ପାଇଁ କିପରି ସ୍ୱପ୍ନ ଦେଖୁଛନ୍ତି?**
ଆମର ଲକ୍ଷ୍ୟ ହେଉଛି ଓଡ଼ିଶାରେ ଏକ ଶକ୍ତିଶାଳୀ innovation ecosystem ଗଢ଼ିବା। ଏହା ଓଡ଼ିଶାକୁ ଏକ ମାନୁଫ୍ୟାକଚରିଂ ହବ୍ ଭାବେ ଗଢ଼ି ତୋଳିବାରେ ସାହାଯ୍ୟ କରିବ। ରିଅଲ-ଟାଇମ୍ ଗାଇଡାନ୍ସ ଏବଂ ସବୁଜ ଜ୍ଞାନକୌଶଳର ବିକାଶ କରିବା ଆମର ମୁଖ୍ୟ ଲକ୍ଷ୍ୟ।

**ସାଧାରଣ କଂକ୍ରିଟ୍ ପେଭର୍ ବ୍ଲକ୍ ବଦଳରେ ଜଣେ କାହିଁକି Carbonoutର Paver 360 ବାଛିବ? ଖର୍ଚ୍ଚ ଏବଂ ରକ୍ଷଣାବେକ୍ଷଣ ଦୃଷ୍ଟିରୁ ଏହା କେତେ ସୁଲଭ?**
ସାଧାରଣ କଂକ୍ରିଟ୍ ବ୍ଲକ ତୁଳନାରେ Paver 360 ଅଧିକ ସ୍ମାର୍ଟ, ସ୍ଥାୟୀ ଏବଂ ଶକ୍ତି-ଦକ୍ଷ |ଏହା କେବଳ ରାସ୍ତା ନୁହେଁ ବରଂ ଏକାଧିକ କାମ କରିପାରେ। ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ କମ୍ ଏବଂ ଦୀର୍ଘକାଳୀନ ଭାବେ ଏହା ଅଧିକ ଲାଭଦାୟକ ବା long-term ROI ପ୍ରଦାନ କରିଥାଏ।

**ପାରମ୍ପରିକ ପଦ୍ଧତିରୁ ଅଲଗା ହୋଇ ଆଜିର ଉଦ୍ୟୋଗୀମାନେ ଟେକ୍ନୋଲୋଜି ବିଜନେସରେ କାହିଁକି ଆଗ୍ରହ ଦେଖାଉଛନ୍ତି ଏବଂ ଆଗାମୀ ଯୁବପିଢ଼ିଙ୍କ ପାଇଁ ଆପଣଙ୍କର ପରାମର୍ଶ କ'ଣ?**
ଯୁବପିଢ଼ିମାନେ କେବଳ ବ୍ୟବସାୟ ନୁହେଁ ବରଂ ଟେକ୍ନୋଲୋଜି ମାଧ୍ୟମରେ ସମାଜର ସମସ୍ୟା ସମାଧାନ କରିବା ଉପରେ ଗୁରୁତ୍ୱ ଦେବା ଉଚିତ।  ଇନୋଭେସନ ସହିତ ସଷ୍ଟେନେବିଲିଟି ବା ସ୍ଥାୟୀତ୍ୱର ସମନ୍ୱୟ ହିଁ ଭବିଷ୍ୟତର ସଫଳ ବ୍ୟବସାୟର ମୂଳମନ୍ତ୍ର ।

**Mobile to Automobile**

# ଇଭି ୨୦୨୬: ସୁରକ୍ଷିତ, ସ୍ମାର୍ଟ ଏବଂ ସମ୍ପୂର୍ଣ୍ଣ ଭରସାଯୋଗ୍ୟ



୨୦୨୪ ରେ ଯେତେବେଳେ ଆମେ ଇଲେକ୍ଟ୍ରିକ୍ ଗାଡ଼ି ବିଷୟରେ କଥା ହେଉଥିଲେ, ସେତେବେଳେ ପ୍ରଥମ ପ୍ରଶ୍ନ ଆସୁଥିଲା - ଏହା କେତେ ସୁରକ୍ଷିତ? ବ୍ୟାଟେରୀର ସ୍ଥାୟୀତ୍ୱ ଏବଂ ରାସ୍ତା ମଝିରେ ଗାଡ଼ି ଅଟକିଯିବାର ଭୟ ଲୋକଙ୍କୁ ଦ୍ୱନ୍ଦ୍ୱରେ ରଖୁଥିଲା। କିନ୍ତୁ ଆଜି ୨୦୨୬ରେ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ଏବେ ଲୋକେ ପଚାରୁ ନାହାଁନ୍ତି "ଇଭି କାହିଁକି କିଣିବୁ?", ବରଂ ପଚାରୁଛନ୍ତି "କେଉଁ ଇଭି ମଡେଲ୍ ଭଲ?"। ଗ୍ରାହକଙ୍କ ମନରୁ ସୁରକ୍ଷାକୁ ନେଇ ଥିବା ସନ୍ଦେହ ଏବେ ଦୂର ହୋଇଛି ଏବଂ ଇଭି ଏବେ ସ୍ମାର୍ଟ ଚଏସ୍ ବା ଏକ ଟ୍ରେଣ୍ଡି ବିକଳ୍ପ ଭାବେ ଉଭା ହୋଇଛି। କମ୍ ଖର୍ଚ୍ଚରେ ଅଧିକ ପ୍ରିମିୟମ୍ ଅଭିଜ୍ଞତା ମିଳୁଥିବାରୁ ଏବେ ସବୁ ବର୍ଗର ଲୋକେ ଏହାକୁ ଆପଣାଉଛନ୍ତି।

ଏହି ପରିବର୍ତ୍ତନର ସବୁଠାରୁ ବଡ଼ କାରଣ ହେଉଛି ବଡ଼ ବ୍ରାଣ୍ଡ ମାନଙ୍କର ଏହି ସେଗମେଣ୍ଟରେ ପ୍ରବେଶ। ବିଶେଷ କରି ମାରୁତି ସୁଜୁକିର 'e VITARA' ବଜାରକୁ ଆସିବା ପରେ ଇଭି ଏବେ ସାଧାରଣ ଲୋକଙ୍କ ପାଇଁ ସହଜ ହୋଇଯାଇଛି। ପ୍ରାୟ ୫୪୩ କିଲୋମିଟରର ଜବରଦସ୍ତ ରେଞ୍ଜ୍ ଏବଂ ମାରୁତିର ବିଶାଳ ସର୍ଭିସ୍ ନେଟୱର୍କ ଯୋଗୁଁ ଲୋକେ ଏବେ ସମ୍ପୂର୍ଣ୍ଣ ନିଶ୍ଚିନ୍ତ। କେବଳ ପରିବେଶ ପାଇଁ ନୁହେଁ, ବରଂ ନିଜର ପକେଟ୍ ଏବଂ ଷ୍ଟାଇଲ୍ ପାଇଁ ମଧ୍ୟ ଇଭି ଏକ ବେଷ୍ଟ ଅପ୍ସନ। ଚାର୍ଜିଂ ଷ୍ଟେସନର ସୁବିଧା ଏବେ ପ୍ରତି ଗଳି କନ୍ଦିରେ ଉପଲବ୍ଧ ହେଉଥିବାରୁ "ରେଞ୍ଜ୍ ଏନଜାଇଟି" ବା ଚାର୍ଜ ସରିଯିବାର ଭୟ ଏବେ ପୁରୁଣା କଥା ହୋଇଯାଇଛି।

୨୦୨୬ର ଭାରତୀୟ ଅଟୋମୋବାଇଲ୍ ବଜାର ଏବେ କେବଳ ଫିଚର୍ସ ନୁହେଁ, ବରଂ ସୁରକ୍ଷା ଏବଂ ସ୍ଥାୟୀତ୍ୱର ଏକ ସୁନ୍ଦର ସମନ୍ୱୟ। ADAS ପରି ସ୍ମାର୍ଟ ଟେକ୍ନୋଲୋଜି ଏବେ ସାଧାରଣ କାର୍‌ରେ ମଧ୍ୟ ମିଳୁଛି, ଯାହା ଗାଡ଼ି ଚଲାଇବାକୁ ଅଧିକ ନିରାପଦ କରୁଛି। ଇନ୍ଧନ ଦର ବୃଦ୍ଧି ଏବଂ ପ୍ରଦୂଷଣ ସମସ୍ୟାର ସମାଧାନ ଭାବେ ଇଭି ଏବେ ଏକ ଅପରିହାର୍ଯ୍ୟ ଅଙ୍ଗ ପାଲଟିଛି। ଟ୍ରେଣ୍ଡି ଲୁକ୍, ଶବ୍ଦବିହୀନ ଡ୍ରାଇଭିଂ ଏବଂ ହାଇ-ଟେକ୍ କ୍ୟାବିନ୍ ଯୋଗୁଁ ଆଜିର ଯୁବପିଢ଼ି ଏବଂ ପରିବାର ଗୁଡ଼ିକ ପାଇଁ ଇଭି ହିଁ ହେଉଛି ଭବିଷ୍ୟତର ରାସ୍ତା। ମୋଟାମୋଟି ଭାବେ କହିବାକୁ ଗଲେ, ୨୦୨୬ରେ ଇଭି କେବଳ ଏକ ଗାଡ଼ି ନୁହେଁ, ଏହା ଏକ ନୂଆ ଜୀବନଶୈଳୀର ପ୍ରତୀକ।

# ଗ୍ୟାଜେଟ୍ ଦୁନିଆରେ ନୂଆ ଧମାକା

## ଚଷମାରେ ଚାଲିବ Facebook ଓ WhatsApp!



ସେ ସମୟ ଏବେ ଆସିଯାଇଛି, ଯେତେବେଳେ ଆମକୁ ପ୍ରତିଟି ଛୋଟ କାମ ପାଇଁ ବାରମ୍ବାର ପକେଟରୁ ଫୋନ୍ ବାହାର କରିବାକୁ ପଡ଼ିବ ନାହିଁ। ରାସ୍ତାରେ ଚାଲୁଥିବା ବେଳେ ହେଉ କିମ୍ବା ବାଇକ୍ ଚଲାଉଥିବା ବେଳେ, ଆପଣଙ୍କ ଚଷମା ହିଁ ଏବେ ଆପଣଙ୍କର ସବୁଠାରୁ ବଡ଼ ସହାୟକ। ଏହି ଗ୍ୟାଜେଟ୍ କେବଳ ଧୂଳି ବା ଖରା କବଳରୁ ଆଖିକୁ ରକ୍ଷା କରୁନି, ବରଂ ଏଥିରେ ଥିବା ସ୍ମାର୍ଟ ସେନ୍ସର ଏବଂ କ୍ୟାମେରା ଆପଣଙ୍କୁ ଦୁନିଆ ସହ ସିଧାସଳଖ ଯୋଡ଼ି ରଖୁଛି। ଗାଡ଼ି ଚଲାଉଥିବା ସମୟରେ ଫୋନ୍ ନଛୁଇଁ ସିଧା ଚଷମା ମାଧ୍ୟମରେ କଲ୍ କରିବା ହେଉ କିମ୍ବା କୌଣସି ଜାଗାର ଫଟୋ ଉଠାଇବା, ଏସବୁ ଏବେ ଏକଦମ୍ ସହଜ। ଏହା କେବଳ ଏକ ଟ୍ରେଣ୍ଡ ନୁହେଁ, ବରଂ ଆମର ଦୈନନ୍ଦିନ କାମକୁ ସହଜ କରିବାର ଏକ ନୂଆ ମାଧ୍ୟମ। ଏହି ଟେକ୍ନୋଲୋଜିକୁ ଆପଣଙ୍କ ପାଖରେ ପହଞ୍ଚାଇବା ପାଇଁ Meta ଏବଂ Ray-Ban ସବୁଠାରୁ ଆଗରେ ଅଛନ୍ତି, ଯାହାଙ୍କର ସ୍ମାର୍ଟ ଚଷମା ଏବେ ବଜାରରେ ହଲଚଲ ସୃଷ୍ଟି କରୁଛି। ଏହାର ମୂଲ୍ୟ ପ୍ରାୟ ୨୫,୦୦୦ ରୁ ୩୫,୦୦୦ ଟଙ୍କା ମଧ୍ୟରେ ରହିଛି ଏବଂ ଏଥିରେ ଆପଣଙ୍କୁ ସ୍ୱଚ୍ଛ ଅଡିଓ ସହ ଉଚ୍ଚମାନର କ୍ୟାମେରା ମିଳୁଛି। ଏହା ସହିତ Amazon Echo Frames ଆପଣଙ୍କୁ 'Alexa' ର ସୁବିଧା ଦେଉଥିବା ବେଳେ Snapchat Spectacles କଣ୍ଟେଣ୍ଟ କ୍ରିଏଟରମାନଙ୍କ ପାଇଁ ଏକ ନୂଆ ଦିଗ ଖୋଲି ଦେଇଛି। Google ଏବଂ Samsung ମଧ୍ୟ ସେମାନଙ୍କର ଅତ୍ୟାଧୁନିକ ମଡେଲ୍ ସହ ଏହି ରେସ୍‌ରେ ସାମିଲ ଅଛନ୍ତି।ସେହିପରି Amazon ନିଜର 'Echo Frames' ମାଧ୍ୟମରେ ମାତ୍ର ୧୫,୦୦୦ ରୁ ୨୦,୦୦୦ ଟଙ୍କା ଭିତରେ 'Alexa' ର ସୁବିଧା ଯୋଗାଇ ଦେଉଛି, ଯାହା ସ୍ମାର୍ଟ ହୋମ ବ୍ୟବହାରକାରୀଙ୍କ ପାଇଁ ବରଦାନ। ଅନ୍ୟପଟେ Snapchat Spectacles କେବଳ ଫଟୋ ବା ଭିଡିଓ ପାଇଁ ନୁହେଁ, ବରଂ ନୂଆ Augmented Reality ଫିଲ୍ଟର ପାଇଁ ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ସାଜିଛି। କେବଳ ଏତିକି ନୁହେଁ, Google, Lenovo, ଏବଂ Xiaomi ଭଳି କମ୍ପାନୀଗୁଡ଼ିକ ମଧ୍ୟ ପ୍ରିମିୟମ୍‌ରୁ ଆରମ୍ଭ କରି ବଜେଟ୍ ଫ୍ରେଣ୍ଡଲି ମଡେଲ୍ ଲଞ୍ଚ୍ କରୁଛନ୍ତି। ଏହି ସବୁ ଚଷମାରେ ଲାଗିଥିବା AI Assistant ଆପଣଙ୍କ ପ୍ରତିଟି ପ୍ରଶ୍ନର ଉତ୍ତର ଦେବା ସହ ବିଦେଶୀ ଭାଷାକୁ ତୁରନ୍ତ ଅନୁବାଦ କରି ଆପଣଙ୍କ ଆଖି ସାମ୍ନାରେ ଦେଖାଇ ଦେଉଛି, ଯାହା ଜଣେ ବ୍ୟକ୍ତିଗତ ସହକାରୀ ଭଳି କାମ କରେ। ସବୁଠାରୁ ବଡ଼ କଥା ହେଉଛି, ଏହି ଚଷମାଗୁଡ଼ିକ ଏବେ ଏତେ ହାଲୁକା ଏବଂ ସାଧାରଣ ଦେଖାଯାଉଛି ଯେ, କେହି ଜାଣି ବି ପାରିବେ ନାହିଁ କି ଆପଣ ଏକ ଶକ୍ତିଶାଳୀ ଗ୍ୟାଜେଟ୍ ପିନ୍ଧିଛନ୍ତି। ଏହା ହେଉଛି ଆମର ନୂଆ ଦୈନନ୍ଦିନ ଜୀବନ, ଯେଉଁଠି ଷ୍ଟାଇଲ୍ ଏବଂ ସୁବିଧା ଏକାଠି ଚାଲୁଛି।

**Corporate Calendar**

# ବ୍ୟାଙ୍କ ଅଫ୍ ବରୋଦାର ନୂତନ ଅଞ୍ଚଳ ମୁଖ୍ୟ



ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଅଞ୍ଚଳର ନୂତନ ଅଞ୍ଚଳ ମୁଖ୍ୟ ରୂପେ ମହାପ୍ରବନ୍ଧକ ଶରତ କୁମାର ପାଣିଗ୍ରାହୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ଭୁବନେଶ୍ୱର ଜୋନର ପ୍ରଥମ ଓଡିଆ ଅଧିକାରୀ ରୂପେ ଏହି ପଦବୀରେ ଅବସ୍ଥାପିତ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଏହା ପୂର୍ବରୁ ସେ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ (ବ୍ୟବସାୟ ବିକାଶ) ବିଭାଗରେ ଉପ ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ । ଶ୍ରୀ ପାଣିଗ୍ରାହୀ ୧୯୯୪ ମସିହାରେ ବ୍ୟାଙ୍କରେ ଯୋଗ ଦେଇ ୩୨ ବର୍ଷରୁ ଊର୍ଦ୍ଧ୍ୱ ସମୃଦ୍ଧ ଅଭିଜ୍ଞତା ହାସଲ କରିଛନ୍ତି । ତାଙ୍କ ଦୀର୍ଘ କ୍ୟାରିୟର ଅବଧିରେ ସେ ଓଡିଶା, ବିହାର, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଗୁଜୁରାଟ ଓ ମଧ୍ୟ ପ୍ରଦେଶ ସମେତ ଅନେକ ରାଜ୍ୟରେ କାର୍ଯ୍ୟ କରିଛନ୍ତି । ସେ ବ୍ୟାଙ୍କର ଦୁବାଇ ଓଭରସିଜ୍ ବ୍ରାଞ୍ଚରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି । ଶାଖା ସ୍ତରରେ ୨୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟାପକ ଅଭିଜ୍ଞତା ସହିତ ସେ ପରିଚାଳନା ଏବଂ ଗ୍ରାହକ-କୈନ୍ଦ୍ରିକ ବ୍ୟାଙ୍କିଙ୍ଗ୍‌ରେ ଗଭୀର ଦକ୍ଷତା ହାସଲ କରିଛନ୍ତି । ସେ ଭୋପାଳ ଜୋନ୍ (ବ୍ୟବସାୟ ବିକାଶ) ବିଭାଗରେ ମଧ୍ୟ ଉପ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରିଥିଲେ ଏବଂ ବ୍ୟାଙ୍କର ବ୍ୟବସାୟିକ ଅଭିବୃଦ୍ଧିରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ଅଧିନରେ ଉଭୟ ଓଡିଶା ଏବଂ ଝାଡ଼ଖଣ୍ଡ କାର୍ଯ୍ୟରତ ରହିଥିବା ବେଳେ ଏହି ଜୋନ୍ ଅଧିନରେ ୫ଟି କ୍ଷେତ୍ରୀୟ କାର୍ଯ୍ୟାଳୟ ରହିଛି ଯାହାର ଓଡିଶାରେ ୨୦୪ଟି ଏବଂ ଝାଡ଼ଖଣ୍ଡରେ ୧୩୬ଟି ଶାଖା ରହିଛି । ଶ୍ରୀ ପାଣିଗ୍ରହୀ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଗ୍ରାହକକୈନ୍ଦ୍ରିକ ସେବା, ବ୍ୟବସାୟିକ ଅଭିବୃଦ୍ଧି, ଡିଜିଟାଲ ବ୍ୟାଙ୍କିଙ୍ଗ୍ ପ୍ରସାର, ରିଟେଲ୍, କୃଷି ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବିକାଶ ଏବଂ ଗ୍ରାହକ ସେବାକୁ ପ୍ରାଧାନ୍ୟ ଦେବେ ବୋଲି ଆଶା କରିଛନ୍ତି । ତାଙ୍କ ମାର୍ଗଦର୍ଶନରେ ବ୍ୟାଙ୍କର ଦ୍ରୁତ ଅଭିବୃଦ୍ଧି ହେବା ସହିତ ଉତ୍କୃଷ୍ଟ ବ୍ୟାଙ୍କିଙ୍ଗ୍ ସେବା ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତା ଆହୁରି ସୁଦୃଢ ହେବ ବୋଲି ଆଶା କରାଯାଉଛି ।

# ବିଓବି ଓ ରିଲାଏନ୍ସ ଜିଓ ସହଯୋଗରେ 'ବିଓବି ୱାର୍ଲ୍ଡ ଲାଇଟ୍' ଆପ୍‌ର ଆରମ୍ଭ




ବ୍ୟାଙ୍କ ଅଫ୍ ବରୋଦା ଓ ରିଲାଏନ୍ସ ଜିଓର ମିଳିତ ସହଯୋଗରେ 'ବିଓବି ୱାର୍ଲ୍ଡ ଲାଇଟ୍' ନାମକ ଏକ ନୂତନ ମୋବାଇଲ ବ୍ୟାଙ୍କିଙ୍ଗ୍ ଆପ୍‌ର ଆରମ୍ଭ ହୋଇଛି । ଏହି ଆପ୍‌ଟି ବିଶେଷ କରି ଫିଚର ଫୋନ୍ ବ୍ୟବହାରକାରୀଙ୍କ ପାଇଁ ତିଆରି ହୋଇଛି ଏବଂ ଏହା ଜିଓ ଫୋନ୍ ପ୍ରିମା ୪ଜି ଡିଭାଇସ୍‌ରେ ଉପଲବ୍ଧ ହେବ । ଭାରତ ସରକାର ଓ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଡିଜିଟାଲ ସମାବେଶ ସମନ୍ୱୟରେ ଏହି ପ୍ରୟାସ ଫିଚର ଫୋନ୍ ବ୍ୟବହାରକାରୀଙ୍କ ପାଇଁ ଡିଜିଟାଲ ପେମେଣ୍ଟକୁ ସହଜ ଓ ସୁବିଧା କରିପାରିବ । ଏହି ଆପ୍ ଦ୍ୱାରା ଦେଶର କୋଟି କୋଟି ଲୋକ ସହଜ ଓ ସଂପୂର୍ଣ୍ଣ ଡିଜିଟାଲ ସେବା ପାଇପାରିବେ । ଏହା କେବଳ ବ୍ୟାଙ୍କ ଅଫ୍ ବରୋଦାର ଗ୍ରାହକମାନଙ୍କ ପାଇଁ ନୁହେଁ ବରଂ ଅନ୍ୟାନ୍ୟ ବ୍ୟାଙ୍କର ଗ୍ରାହକମାନେ ମଧ୍ୟ ସହଜ ସେଲ୍ଫ ଅନ୍‌ବୋର୍ଡିଂ ପ୍ରକ୍ରିୟା ମାଧ୍ୟମରେ ଏହାକୁ ବ୍ୟବହାର କରିପାରିବେ । ସାଧାରଣ ମୋବାଇଲ ବ୍ୟାଙ୍କିଙ୍ଗ୍ ଆପ୍‌ଗୁଡିକ କେବଳ ସ୍ମାର୍ଟ ଫୋନ୍ ଉପରେ କାମ କରୁଥିବା ବେଳେ 'ବିଓବି ୱାର୍ଲ୍ଡ ଲାଇଟ୍' ସୁଲଭ ଫିଚର ଫୋନ୍‌ରେ ମଧ୍ୟ ସଂପୂର୍ଣ୍ଣ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇପାରିବ । "ବିଓବି ୱାର୍ଲ୍ଡ ଲାଇଟ୍"ଆପ୍‌ରେ ୟୁପିଆଇ ଆଧାରିତ ସ୍କାନ୍ , ପେ, ବିଲ୍ ଦେୟ, ରିଚାର୍ଜ ଓ ପ୍ରୋଫାଇଲ ମ୍ୟାନେଜମେଣ୍ଟ ଇତ୍ୟାଦି ସୁବିଧା ଉପଲବ୍ଧ ଅଛି । ବିଓବି ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ଚାନ୍ଦ କହିଛନ୍ତି ଯେ ଡିଜିଟାଲ ସମାବେଶ ବ୍ୟାଙ୍କ ପାଇଁ ଏକ ପ୍ରାଥମିକତା ।

# ଲୁମିନସ୍ ଇନ୍‌ଫୋୱେଜ୍‌ର ୨୬ତମ ପ୍ରତିଷ୍ଠା ଦିବସ




ଲୁମିନସ୍ ଇନ୍‌ଫୋୱେଜ୍ ପକ୍ଷରୁ ଭୁବନେଶ୍ୱର କ୍ଲବ୍‌ରେ ଏହାର ୨୬ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ସଂସ୍ଥାର ବିକାଶ ଓ ନବୀନତାର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ୍ ଭାବେ ଚିହ୍ନିତ ହୋଇଛି। ଏହି ଅବସରରେ ସଂସ୍ଥାପକ ଓ ବ୍ୟବସ୍ଥାପକ ନିର୍ଦ୍ଦେଶକ ତନ୍ମୟ ମହାନ୍ତି ସଂସ୍ଥାର ଦୃଷ୍ଟିକୋଣ ଓ ଲକ୍ଷ୍ୟ ବିଷୟରେ ଅଲୋଚନା କରି ଆଗାମୀ ପରିକଳ୍ପନା ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷା ଓ ସହ-ସଂସ୍ଥାପିକା ଜୟଶ୍ରୀ ମହାନ୍ତି ସଂସ୍ଥାର ୨୫ ବର୍ଷର ଯାତ୍ରାକୁ ସ୍ମରଣ କରି ସଫଳତା ଓ ଉନ୍ନତିର କଥା ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନେକ ପ୍ରତିଷ୍ଠିତ ଅତିଥି ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ସଚିବ (ଶିଳ୍ପ, ଗୃହ ଓ ଆଇ ଏଣ୍ଡ ପିଆର୍ ବିଭାଗ) ହେମନ୍ତ ଶର୍ମା ଉପସ୍ଥିତ ଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ନାଲକୋ ସିଏମଡି ତପନ କୁମାର ଚାନ୍ଦ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଶିକ୍ଷା ସଚିବ ଅରୁଣ କୁମାର ରଥ, ପୂର୍ବତନ ନ୍ୟାୟିକ ସଦସ୍ୟ ଅଶୋକ କୁମାର ପଟ୍ଟନାୟକ ଓ ପୂର୍ବତନ ଆରଡିସି ଏବଂ ରୋଟାରି ଡିଷ୍ଟ୍ରିକ୍ଟ ୩୨୬୨ର ଡିଷ୍ଟ୍ରିକ୍ଟ ଗଭର୍ନର (୨୦୨୬–୨୭) ଅନିଲ କୁମାର ସାମଲ ଉପସ୍ଥିତ ଥିଲେ। ଏହି ଅବସରରେ ସଂସ୍ଥା ପକ୍ଷରୁ ପ୍ରତିଷ୍ଠିତ CMMI Level 5 ସର୍ଟିଫିକେସନ୍ ପ୍ରାପ୍ତି ଘୋଷଣା କରାଯାଇଥିଲା, ଯାହା ସଂସ୍ଥାର କାର୍ଯ୍ୟଦକ୍ଷତାର ଉତ୍କର୍ଷତାକୁ ପ୍ରତିଫଳିତ କରେ। ଏହା ସହିତ ସଂସ୍ଥା ପକ୍ଷରୁ ଏକ AI ଆଧାରିତ ପ୍ଲାଟଫର୍ମ "Doc360 – ଏଣ୍ଟରପ୍ରାଇଜ୍ ନଲେଜ୍ ଅସିଷ୍ଟାଣ୍ଟ" ଉଦ୍ଘାଟନ କରାଯାଇଥିଲା, ଯାହା ଡିଜିଟାଲ ଡକ୍ୟୁମେଣ୍ଟେସନ୍ ଓ ଜ୍ଞାନ ପରିଚାଳନାରେ ଉନ୍ନତ ସମାଧାନ ପ୍ରଦାନ କରିବ। ଏହି ପ୍ଲାଟଫର୍ମଟି ଏକ ସ୍ୱୟଂ-ଶିକ୍ଷଣ ଆପ୍ ଭାବେ କାମ କରେ ଓ ଏଥିରେ ଉନ୍ନତ DMS ସୁବିଧା ରହିଛି। ଏହାକୁ ବିଭିନ୍ନ ସଂଗଠନର ସଫ୍ଟୱେର ସହ ସହଜରେ ସମ୍ମିଳିତ କରାଯାଇପାରିବ ଓ ଆବଶ୍ୟକତାନୁସାରେ କଷ୍ଟମାଇଜ୍ କରିହେବ। ଏହା ସହିତ କର୍ମଚାରୀ ସମ୍ମାନ ସମାରୋହ ଆୟୋଜିତ ହୋଇଥିଲା, ଯେଉଁଠି ଗତ ବର୍ଷରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଦେଖାଇଥିବା କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା।ଏହି ଅବସରରେ ସେମିକଣ୍ଡକ୍ଟର କୌଶଳ ବିକାଶ ଓ କ୍ଷମତା ଗଠନ ପାଇଁ ମାଭେନ୍ ସିଲିକନ୍ ସହ ଏକ MOU ସାଇନ୍ କରାଯାଇଥିଲା।

**Taste of Business**

# Destination BBSR: ସ୍ମାର୍ଟ ସିଟିରୁ ଲକଜୁରିଅସ୍ ସିଟି ଏକ ଅବିଶ୍ୱସନୀୟ ଯାତ୍ରା

ସ୍ୱାଦ ଓଡ଼ିଶାର, ସେବା ବିଶ୍ୱସ୍ତରର: ଆମ ରାଜଧାନୀ ଭୁବନେଶ୍ୱର ଆଜି କେବଳ ଐତିହ୍ୟର ସହର ହୋଇ ରହିନାହିଁ, ବରଂ ଏକ ପ୍ରତିଷ୍ଠିତ 'ଗ୍ଲୋବାଲ୍ ଡେଷ୍ଟିନେସନ୍' ଭାବେ ବିଶ୍ୱ ମାନଚିତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଛି। ସହରର ବଦଳୁଥିବା ଲାଇଫ୍‌ଷ୍ଟାଇଲ୍‌ରେ ନୋଭୋଟେଲ୍ (Novotel) ଭଳି ଆନ୍ତର୍ଜାତୀୟ ବ୍ରାଣ୍ଡର 'ଏଣ୍ଟ୍ରି' ହସ୍ପିଟାଲିଟି କ୍ଷେତ୍ରକୁ ଏକ ନୂଆ ଲେଭେଲକୁ ନେଇଯାଇଛି। ନୋଭୋଟେଲ୍ ଏକ ପ୍ରତିଷ୍ଠିତ ଗ୍ଲୋବାଲ୍ ଚେନ୍ ହୋଇଥିବା ବେଳେ ଏହାର ଲଞ୍ଚ୍ ଏବଂ ଡାଇନିଂ ଏକ୍ସପିରିଏନ୍ସକୁ ନେଇ ସହରବାସିଙ୍କ ମଧ୍ୟରେ ବଡ଼ କ୍ରେଜ ରହିଛି।ଭୁବନେଶ୍ୱରର ଆକାଶଛୁଆଁ ଅଟ୍ଟାଳିକା ମଧ୍ୟରେ ବର୍ତ୍ତମାନ ଟ୍ରାଇଡେଣ୍ଟ, ଭିଭାନ୍ତ ଏବଂ ୱେଲକମ୍ ହୋଟେଲ୍ ଭଳି ପ୍ରିମିୟମ୍ ବ୍ରାଣ୍ଡ ରହିଥିବା ବେଳେ ଖୁବ୍ ଶୀଘ୍ର ତାଜ୍ ଏବଂ ହିଲଟନ୍ ଭଳି ବିଶ୍ୱସ୍ତରୀୟ ନାମୀଦାମୀ ହୋଟେଲ୍ ମଧ୍ୟ ନିଜର ଶାଖା ସହିତ ସହରର ସୌନ୍ଦର୍ଯ୍ୟ ବଢ଼ାଇବାକୁ ଯାଉଛନ୍ତି। ବିଶେଷକରି ଓଡ଼ିଶାର ବଢୁଥିବା ପର୍ଯ୍ୟଟନ, 'ଆଇଟି ହବ୍' ଭାବେ ବିକାଶ ଏବଂ ଆନ୍ତର୍ଜାତୀୟ ସ୍ତରର ବିଜନେସ୍ କନଫରେନ୍ସ ପାଇଁ ଆବଶ୍ୟକ ହେଉଥିବା 'ହାଇ-ଏଣ୍ଡ' ସେବା ହିଁ ଏହି ବିଶ୍ୱସ୍ତରୀୟ ବ୍ରାଣ୍ଡଗୁଡ଼ିକୁ ଭୁବନେଶ୍ୱର ପ୍ରତି ଆକର୍ଷିତ କରୁଛି। ଏହି ସମସ୍ତ ଆନ୍ତର୍ଜାତୀୟ ହୋଟେଲଗୁଡ଼ିକର ମୁଖ୍ୟ ଆକର୍ଷଣ ହେଉଛି ସେମାନଙ୍କର ଅତ୍ୟାଧୁନିକ 'ଫାସିଲିଟି' ଏବଂ ସିଗ୍ନେଚର୍ ସର୍ଭିସ୍। ରୁଫ୍-ଟପ୍ ପୁଲ୍, ସ୍ପା, ଏବଂ 'ହାଇ-ଟେକ୍' ସୁବିଧା ସହିତ ଏଠାରେ ଖାଦ୍ୟର ମାନ ଅତ୍ୟନ୍ତ ଉଚ୍ଚକୋଟୀର। ସବୁଠାରୁ ଆକର୍ଷଣୀୟ କଥା ହେଉଛି, ଏହି ବିଶ୍ୱସ୍ତରୀୟ ହୋଟେଲଗୁଡ଼ିକରେ 'ମଡର୍ଣ୍ଣ କୁଇଜିନ୍' ସହିତ ଓଡ଼ିଆ ଖାଦ୍ୟକୁ ଏକ ରୟାଲ୍ ଅନ୍ଦାଜରେ ପରସା ଯାଉଛି। ଛେନାପୋଡ଼, ମାଛ ବେସର, ଶାଗ ଏବଂ ଡାଲମା ଭଳି ଓଡ଼ିଆ ପାରମ୍ପରିକ ବ୍ୟଞ୍ଜନଗୁଡ଼ିକ ଏବେ ଆନ୍ତର୍ଜାତୀୟ ଗେଷ୍ଟମାନଙ୍କର ପ୍ରଥମ ପସନ୍ଦ ସାଜିଛି ।ଏହା ବ୍ୟତୀତ, ଭୁବନେଶ୍ୱର ଏବେ 'ଡେଷ୍ଟିନେସନ୍ ୱେଡିଂ' ପାଇଁ ଏକ ବଡ଼ କେନ୍ଦ୍ର ପାଲଟିଛି, ଯେଉଁଠି ଏହି ହୋଟେଲଗୁଡ଼ିକ ପ୍ରଥମ ପସନ୍ଦ ହେଉଛନ୍ତି। ଏହି ବ୍ରାଣ୍ଡଗୁଡ଼ିକ କେବଳ ଏକ ରହିବା ସ୍ଥାନ ନୁହଁନ୍ତି, ବରଂ ସେମାନେ ଓଡ଼ିଶାର ପ୍ରାଚୀନ 'ଆତିଥ୍ୟ'କୁ ଆଧୁନିକତାର ରଙ୍ଗରେ ରଙ୍ଗୀନ କରି ସାରା ବିଶ୍ୱରେ ଲୋକପ୍ରିୟ କରୁଛନ୍ତି। ସାମ୍ପ୍ରତିକ ସମୟରେ ଭୁବନେଶ୍ୱରବାସୀଙ୍କ ଡିମାଣ୍ଡରେ ମଧ୍ୟ ବଡ଼ ପରିବର୍ତ୍ତନ ଦେଖାଦେଇଛି। ଲୋକେ ଏବେ କେବଳ ଖାଦ୍ୟ ଖାଇବା ଅପେକ୍ଷା ଏକ ଉନ୍ନତ 'ଆମ୍ବିଆନ୍ସ' ଏବଂ 'ଲକଜୁରି ଏକ୍ସପିରିଏନ୍ସ'କୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ନୂଆ ହୋଟେଲଗୁଡ଼ିକ ଆସିବା ଫଳରେ ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ହସ୍ପିଟାଲିଟି ସେକ୍ଟରରେ ବ୍ୟାପକ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେଉଛି। ଓଡ଼ିଶାର ଶିଳ୍ପ-ଅନୁକୂଳ ପରିବେଶ ଏବଂ ସରକାରଙ୍କ ଦୂରଦୃଷ୍ଟି ସଂପନ୍ନ ନୀତି ଯୋଗୁଁ ଆଗାମୀ ଦିନରେ ଏଠାରେ ଆହୁରି ଅନେକ ଆନ୍ତର୍ଜାତୀୟ ବ୍ରାଣ୍ଡର ପଦାର୍ପଣ ହେବ। ଏହି ସମଗ୍ର ବିକାଶ ଭୁବନେଶ୍ୱରକୁ ଭାରତର ଅନ୍ୟ ସ୍ମାର୍ଟ ସିଟି ତୁଳନାରେ ଏକ ସ୍ୱତନ୍ତ୍ର 'ଲକଜୁରି ହବ୍' ଭାବେ ଗଢ଼ି ତୋଳୁଛି, ଯାହା ଆମ ରାଜ୍ୟର ଅର୍ଥନୀତି ଓ ପ୍ରତିଷ୍ଠାକୁ ବିଶ୍ୱ ଦରବାରରେ ଆହୁରି ଉଜ୍ଜ୍ୱଳ କରୁଛି। ଏହି ପରିବର୍ତ୍ତନ କେବଳ ପର୍ଯ୍ୟଟନ ନୁହେଁ, ବରଂ ଓଡ଼ିଶାର ଅର୍ଥନୀତି ଏବଂ ସାଂସ୍କୃତିକ ଗୌରବକୁ ବିଶ୍ୱ ଦରବାରରେ ଏକ 'ସିଗ୍ନେଚର୍ ଲୁକ୍' ପ୍ରଦାନ କରୁଛି।



**Biz Zones**

## WEST ODISHA STORY

# ସମ୍ବଲପୁରରେ ଜେଏଫ୍‌ଇ ଷ୍ଟିଲ୍ ଓ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଯୌଥ ଉଦ୍ୟୋଗ

ଜାପାନର ଇସ୍ପାତ କମ୍ପାନି ଜେଏଫ୍‌ଇ ଷ୍ଟିଲ୍ କର୍ପୋରେସନ୍ ଓଡ଼ିଶାରେ ୧୫ ହଜାର କୋଟି ଟଙ୍କା ନିବେଶ କରିବାକୁ ଯାଉଛି। ଏହା ହେଉଛି ଓଡ଼ିଶାରେ ଜାପାନର ସର୍ବବୃହତ୍ ନିବେଶ। ଜେଏସ୍‌ଡବ୍ଲୁ ଷ୍ଟିଲ୍ ସହଯୋଗିତାରେ ଜେଏଫ୍‌ଇ ଷ୍ଟିଲ୍ ସମ୍ବଲପୁରରେ ଏହି ନିବେଶ କରିବ। ସମ୍ବଲପୁର ଜିଲ୍ଲା ଠେଲକୋଲୋଇସ୍ଥିତ ଜେଏସ୍‌ଡବ୍ଲୁ କାରଖାନାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ କମ୍ପାନି ମଧ୍ୟରେ ଗଠନ ହୋଇଥିବା ୫୦:୫୦ ଯୌଥ ଉଦ୍ୟୋଗ (JV)କୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଜେଏସ୍‌ଡବ୍ଲୁ ଏବଂ ଜେଏଫ୍‌ଇର ମିଳନ କେବଳ ଏକ ବ୍ୟାବସାୟିକ ଚୁକ୍ତି ନୁହେଁ, ବରଂ ଏହା ଜାପାନ ଏବଂ ଭାରତର ଶିଳ୍ପଦକ୍ଷତା ସହିତ ଉତ୍ତରଦାୟୀ ବିକାଶର ଏକ ସମନ୍ୱୟ। ଏହି ରାଜିନାମା ଅଧୀନରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ସମ୍ବଲପୁର କାରଖାନାର ବାର୍ଷିକ ଉତ୍ପାଦନ କ୍ଷମତା ୪.୫ ନିୟୁତ ଟନ୍‌ରୁ ୧୦ ନିୟୁତ ଟନ୍‌କୁ ବୃଦ୍ଧି ପାଇବ। ପର୍ଯ୍ୟାୟକ୍ରମେ ଏହି ପ୍ରକଳ୍ପରେ ୩୦ ହଜାର କୋଟି ଟଙ୍କା ନିବେଶ ହେବ।



ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା ହେଉଛି ଓଡ଼ିଶା ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଓ ଭାରତର ଶିଳ୍ପ ଭବିଷ୍ୟତ ପାଇଁ ଏକ ନିର୍ଣ୍ଣାୟକ ଅଧ୍ୟାୟ। ଏହି ପ୍ରକଳ୍ପ ଦ୍ବାରା ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଏକ ମାନୁଫାକ୍‌ଚରିଂ ହବ୍‌ରେ ପରିଣତ ହେବ। ପୂର୍ବ ସରକାର ଭଳି ଏଠାରେ କେବଳ ଖଣିଭିତ୍ତିକ ଶିଳ୍ପ ନୁହେଁ, ବରଂ ଫାର୍ମା ଭଳି ୧୬ଟି କ୍ଷେତ୍ରରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ସୁଯୋଗ ସୃଷ୍ଟି ହେବ। ନୂଆପଡ଼ା, ଦେବଗଡ଼, ସୁବର୍ଣ୍ଣପୁର ଓ ବୌଦ୍ଧରେ ମଧ୍ୟ ଶିଳ୍ପ ପାଇଁ ପ୍ରାଧାନ୍ୟ ଦିଆଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ କହିଛନ୍ତି, ଏହି ଚୁକ୍ତିନାମା ଯୌଥ ଉଦ୍ୟୋଗଠାରୁ ଅଧିକ ଅଟେ। ଏହି ଅବସରରେ ଜାପାନ ରାଷ୍ଟ୍ରଦୂତ କେଇଚି ଓନୋ, କୋଲକାତାସ୍ଥିତ ଜାପାନ ବାଣିଜ୍ୟ ଦୂତାବାସର ୟୋସିହିସା ଇସିକାୱା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମୀଣ ବିକାଶ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ମୁଖ୍ୟ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ।

# ବଲାଙ୍ଗୀରରେ ହେବ ଚିନି କଳ, ଟେକ୍ସଟାଇଲ୍ ପାର୍କ




ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ କେବଳ ଯୋଜନା କାର୍ଯ୍ୟକାରୀ କରିବା ଭିତରେ ନିଜକୁ ସୀମିତ ରଖିନାହାନ୍ତି, ବରଂ ସାମାଜିକ, ଅର୍ଥନୈତିକ, ମୌଳିକ ସେବା ଭିତ୍ତିଭୂମି, ମାନବ କଲ୍ୟାଣ ତଥା ପ୍ରାକୃତିକ ସମ୍ବଳ ପରିଚାଳନା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀରଠାରେ ରାଜ୍ୟସ୍ତରୀୟ 'ଜାତୀୟ ପଞ୍ଚାୟତିରାଜ ଦିବସ' ପାଳନ ଅବସରରେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲା ପାଇଁ ୫୮୦ କୋଟି ଟଙ୍କା ମୂଲ୍ୟର ୩୦୪ ଟି ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ୩୨୯ କୋଟି ଟଙ୍କାର ୨୬୮ ଟି ପ୍ରକଳ୍ପର ଲୋକାର୍ପଣ ଓ ୨୫୨ କୋଟି ଟଙ୍କା ର ୩୬ ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ଏଥିରେ ଭୀମଭୋଇ ମେଡିକାଲ କଲେଜରେ ଏକ ନୂତନ ନର୍ସିଂ କଲେଜ ପାଇ ମଧ୍ୟ ଶିଳାନ୍ୟାସ ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀରରେ ଚିନି କଳ ଓ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇବାକୁ ଯାଉଥିବା ଘୋଷଣା କରିଥିଲେ| ଏଥି ସହିତ ଅନ୍ତୋଦୟ ଗୃହ ଯୋଜନାରେ ୫୦,୦୦୦ ରୁ ଅଧିକ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ଓ ପ୍ରଥମ କିସ୍ତି ରାଶି ପ୍ରଦାନର ଶୁଭାରମ୍ଭ କରିଥିଲେ। ପଞ୍ଚାୟତିରାଜ ସମୀକ୍ଷା ପୋର୍ଟାଲ୍ ଓ e- ପଞ୍ଚାୟତ ସଭା ପୋର୍ଟାଲ କୁ ମଧ୍ୟ ଉନ୍ମୋଚନ କରିଥିଲେ।

ସେହିପରି ଜଳଜୀବନ ମିଶନ ଅଧୀନରେ ପାଇପ ଜଳ ଯୋଗାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ୨୦୨୭ ମାର୍ଚ୍ଚ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ ପାଣି ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ରାଜ୍ୟରେ ୫୪ ହଜାର କୋଟି ଟଙ୍କାର ବୃହତ୍ ଯୋଜନା ଗ୍ରହଣ କରାଯାଇଛି।

ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂଦେଓ, କହିଥିଲେ ଯେ ବିକଶିତ ଓଡ଼ିଶା ପାଇ ମଜଭୁତ୍ ଗ୍ରାମ ସୃଷ୍ଟି କରିବା ଆମ ସରକାରଙ୍କର ମୂଳ ଲକ୍ଷ୍ୟ। ସେଥିପାଇଁ ପଞ୍ଚାୟତିରାଜ୍ ଅନୁଷ୍ଠାନ ଗୁଡ଼ିକ ଅଧିକ ସୁଦୃଢ଼ ହେବାକୁ ପଡ଼ିବ । ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ ଗ୍ରାମୀଣ ସଶକ୍ତିକରଣ ଓ ଲୋକ କୈନ୍ଦ୍ରିକ ଶାସନକୁ ବିକଶିତ ଓଡ଼ିଶାର ପ୍ରମୁଖ ସ୍ତମ୍ଭ ଭାବେ ଚିହ୍ନଟ କରାଯାଇଛି ।

# ବୁର୍ଲା ଭିସୁଟ ପରିସରରେ 'ଜୋହୋ ସ୍କିଲ୍ ହବ୍' ଓ 'ପେଟିଏମ୍ ଜ୍ଞାନ ବାହାନ' ଲୋକାର୍ପିତ

ବର୍ତ୍ତମାନର ପରିବର୍ତ୍ତିତ ବିଶ୍ୱରେ କେବଳ ଡିଗ୍ରୀ ବା ସାର୍ଟିଫିକେଟ୍ ଯଥେଷ୍ଟ ନୁହେଁ, ବରଂ 'ଦକ୍ଷତା ଆଧାରିତ ଶିକ୍ଷା' ହିଁ ଜଣେ ଛାତ୍ରର ପ୍ରକୃତ ପରିଚୟ ବୋଲି ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପରିସରରେ 'ଜୋହୋ ସ୍କିଲ୍ ହବ୍'ର ଲୋକାର୍ପଣ କରିବା ସହ ପେଟିଏମ୍-ୱିଜଡମ୍ ଅନ୍ ହୁଇଲ୍‌ସ (ଜ୍ଞାନ ବାହାନ)ର ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି । ବିଶ୍ୱସ୍ତରୀୟ ଆଇଟି କମ୍ପାନୀ 'ଜୋହୋ' ସହଯୋଗରେ ସ୍ଥାପିତ 'ଜୋହୋ ସ୍କିଲ୍ ହବ୍'କୁ ଲୋକାର୍ପଣ କରି ମନ୍ତ୍ରୀ କହିଛନ୍ତି ଯେ, ଏହା କେବଳ ଏକ ତାଲିମ କେନ୍ଦ୍ର ନୁହେଁ ବରଂ ଏକ ସମ୍ପୂର୍ଣ୍ଣ ଇକୋସିଷ୍ଟମ୍ । ଏଠାରେ ଅତ୍ୟାଧୁନିକ କ୍ଲାସରୁମ୍ ଓ ପାର୍ଟନର ଅଫିସ୍ ଜରିଆରେ ଛାତ୍ରଛାତ୍ରୀମାନେ ବାସ୍ତବିକ କାର୍ଯ୍ୟକ୍ଷେତ୍ରର ଅଭିଜ୍ଞତା ପାଇବେ। ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ ଜୋହୋର ଅତ୍ୟାଧୁନିକ ଟେକ୍ନୋଲୋଜି ଉପରେ ତାଲିମ ପାଇପାରିବେ । ଜୋହୋ ସ୍କିଲ୍ ହବ୍ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନକୌଶଳରେ ନିପୁଣ କରିବ । ଯେଉଁମାନେ ନିଜର ଦକ୍ଷତା ପ୍ରମାଣିତ କରିବେ, ସେମାନଙ୍କୁ ଜୋହୋର ପାର୍ଟନର ନେଟୱାର୍କ ସହ ଦେଶ-ବିଦେଶରେ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ । ଜୋହୋ ପକ୍ଷରୁ Race2Cloud ପରି ସଂସ୍ଥାଗୁଡ଼ିକ ଓଡ଼ିଶାରେ ନିଜର ବେସ୍ ସ୍ଥାପନ କରିବା ଆଗାମୀ ଦିନରେ ସମଗ୍ର ଦେଶ ପାଇଁ ଏକ ମଡେଲ ସାଜିବ । ଜୋହୋ ପରି ବିଶ୍ୱସ୍ତରୀୟ କମ୍ପାନୀର ସହଯୋଗରେ ଏବେ ସମ୍ବଲପୁରର ଇଞ୍ଜିନିୟରିଂ ଓ ଅଣ-ଇଞ୍ଜିନିୟରିଂ ଛାତ୍ରଛାତ୍ରୀମାନେ ଅତ୍ୟାଧୁନିକ ଟେକ୍ନୋଲୋଜିରେ ଦକ୍ଷ ହୋଇ ନିଜକୁ ନିଯୁକ୍ତିଦାତା ଭାବେ ଗଢ଼ିତୋଳିବେ । ସମ୍ବଲପୁରର ଶିକ୍ଷା କ୍ଲଷ୍ଟର ସମ୍ପର୍କରେ ଆଲୋକପାତ କରି ମନ୍ତ୍ରୀ କହିଛନ୍ତି ଯେ, ଭିସୁଟର ବୈଷୟିକ ଜ୍ଞାନକୌଶଳ, ଭିମସାରର ଚିକିତ୍ସା ବିଜ୍ଞାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ଏବଂ ଆଇଆଇଏମ. ସମ୍ବଲପୁରର ମ୍ୟାନେଜମେଣ୍ଟ ଦକ୍ଷତାକୁ ସମନ୍ୱିତ କରି ଏକ 'ମଲଟି-ଡିସିପ୍ଲିନାରୀ' ଶିକ୍ଷା ବ୍ୟବସ୍ଥା ତିଆରି କରାଯିବ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ରବି ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଜୋହୋ କର୍ପୋରେସନର ନିର୍ଦ୍ଦେଶକ ରାଜେନ୍ଦ୍ରନ ଦଣ୍ଡପାଣୀ, ପେଟିଏମର ପ୍ରତିନିଧି ଏବଂ ଭିସୁଟର କୁଳପତି ଉପସ୍ଥିତ ଥିଲେ ।




## SOUTH SIDE ODISHA

# Young Innovators of CUO Transform Farming Challenges into Award-Winning Solution

The Department of Agriculture, Central University of Odisha (CUO), proudly announces its outstanding achievement at INNOVISION 2026 "Innovative Solutions for Technical Problems," held on 26th April 2026 at Synergy Institute of Technology, Phulnakhara, Bhubaneswar, in collaboration with SKD Patent Services, Kolkata. CUO secured the 1st Prize among 65 registered innovations of which 35 were shortlisted for the final round with model presentations. This remarkable success has brought immense pride to the University, its students and their families. The innovation was presented by Ms. Swapnarani Biswal (3rd Year B.Sc. Agriculture) and Ms. Abhisikta Sahu (2nd Year B.Sc. Agriculture), who represented the Department with dedication and excellence. Prof. N. C. Panda, Hon'ble Vice-Chancellor,I/c., CUO, appreciated the Department, students, and collaborating scientists for their dedication and innovation in addressing real-world agricultural challenges. Dr. Manjushree Singh, Head, Department of Agriculture expressed her appreciation for the students' dedication and emphasized that such innovations align with the vision of improving farmers' livelihoods in the Koraput region through sustainable and practical solutions. The award-winning innovation addresses a critical issue in large-scale agriculture. In conventional broadcasting methods of sowing, small and lightweight seeds are often displaced during irrigation especially under flood irrigation leading to uneven distribution, poor germination and reduced productivity. To address this challenge, the team developed a solar-powered seed pelleting (coating) machine.

# ₹୩୦୦ କୋଟିର ରୂପାନ୍ତରଣ: ବ୍ରହ୍ମପୁର ରେଳ ଷ୍ଟେସନର ହେବ ଆଧୁନିକୀକରଣ

ଦକ୍ଷିଣ ଓଡ଼ିଶାର ସବୁଠାରୁ ବ୍ୟସ୍ତବହୁଳ ରେଳ ହବ୍ ଭାବେ ପରିଚିତ ବ୍ରହ୍ମପୁର ରେଳ ଷ୍ଟେସନ, ଯେଉଁଠାରେ ପ୍ରତିଦିନ ୧୬୨ରୁ ଅଧିକ ଟ୍ରେନ୍ ଚଳାଚଳ କରେ ଏବଂ ୨୫,୦୦୦ରୁ ଅଧିକ ଯାତ୍ରୀ ଯାତାୟାତ କରନ୍ତି, ତାହାର ଏକ ବୈପ୍ଳବିକ ପରିବର୍ତ୍ତନ ହେବାକୁ ଯାଉଛି। ପୂର୍ବତଟ ରେଳପଥ ପକ୍ଷରୁ




₹୩୦୦ କୋଟିର ଏକ ବହୁମୁଖୀ ପୁନର୍ବିକାଶ ଯୋଜନାକୁ ଅନୁମୋଦନ କରାଯାଇଛି, ଯାହା ଓଡ଼ିଶାର ଏହି ଗୁରୁତ୍ୱପୂର୍ଣ୍ଣ ସହରର ଯୋଗାଯୋଗ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବ। ନୂଆ ଲାଇନ ଏବଂ ପ୍ଲାଟଫର୍ମ: କ୍ଷମତା ବୃଦ୍ଧି କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ଷ୍ଟେସନର କ୍ଷମତା ବୃଦ୍ଧି ଏହି ପୁନର୍ବିକାଶର ମୁଖ୍ୟ ଲକ୍ଷ୍ୟ। ଷ୍ଟେସନରେ ୩ଟି ଅତିରିକ୍ତ ରେଳ ଲାଇନ ଏବଂ ୪ଟି ନୂଆ ପ୍ଲାଟଫର୍ମ ନିର୍ମାଣ କରାଯିବ, ଯାହାଦ୍ୱାରା ଅଧିକ ସଂଖ୍ୟକ ଟ୍ରେନ୍ ଚଳାଚଳ ସହଜ ହୋଇପାରିବ। ଏହା ସହିତ ଦ୍ୱିତୀୟ ପ୍ରବେଶ ପାର୍ଶ୍ୱରେ ଏକ ନୂତନ ଷ୍ଟେସନ ବିଲ୍ଡିଂ ଏବଂ ୟାର୍ଡର ଆଧୁନିକୀକରଣ କରାଯିବ। ସେବା ଭବନ (Service Building) ଏବଂ ରେଳ କ୍ୱାର୍ଟର୍ସଗୁଡ଼ିକୁ ସ୍ଥାନାନ୍ତର କରାଯାଇ ଯାତ୍ରୀମାନଙ୍କ ପାଇଁ ଅଧିକ ଖୋଲା ସ୍ଥାନର ବ୍ୟବସ୍ଥା କରାଯାଉଛି। ଏହି ଯୋଜନାରେ ଯାତ୍ରୀମାନଙ୍କ ଯାତାୟାତ ପାଇଁ ଏକ ସମନ୍ୱିତ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି, ଯାହା ଷ୍ଟେସନର ଉଭୟ ପାର୍ଶ୍ୱ ଏବଂ ସମସ୍ତ ପ୍ଲାଟଫର୍ମକୁ ସହଜରେ ଯୋଡ଼ିବ।

## FINDING NORTH ODISHA

# ପୂର୍ବ ଭାରତର ଦ୍ୱିତୀୟ ଜାମ୍‌ସେଦପୁର ହେବ କେନ୍ଦୁଝର: ମୁଖ୍ୟମନ୍ତ୍ରୀ




କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧ ଶିଳ୍ପ ହବ୍‌ରେ ପରିଣତ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ବଡ଼ବିଲ ଅଂଚଳର ଉଚ୍ଚବାଲି ଠାରେ ୧୬୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୪୨୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ସଦର, ତେଲକୋଇ, ଝୁମ୍ପୁରା, ଯୋଡ଼ା ଏବଂ ବଡ଼ବିଲ ଅଞ୍ଚଳର ପ୍ରାୟ ୭.୧୭ ଲକ୍ଷ ଉପଭୋକ୍ତା ଉପକୃତ ହେବେ । ବିକଶିତ ସମାଜର ପରିଚୟ ହେଉଛି ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଏଣୁ ଖଣିଜ ସମ୍ପଦରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ପୂର୍ବ ଭାରତର ଦ୍ୱିତୀୟ ଜାମସେଦପୁର ଭାବେ ଗଡ଼ିତୋଳିବାକୁ ଘୋଷଣା କରିଛନ୍ତି | ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କେନ୍ଦୁଝର ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇ କହିଛନ୍ତି, ମୁଁ ବାରମ୍ବାର କହିଛି, ଖଣି ଖାଦାନରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରାଯିବ। କେନ୍ଦୁଝର ଏତେ ଦିନ ଧରି ରାଜ୍ୟକୁ ସମୃଦ୍ଧି ଦେଇ ଆସିଛି, ଏବେ ସମୟ ଆସିଛି କେନ୍ଦୁଝରକୁ ତାର ହକ୍ ଫେରାଇବାର। ଏହି ଅବସରରେ ସେ ବଡ଼ବିଲ ରିଂ-ରୋଡ୍‌ର କାର୍ଯ୍ୟ ଏବଂ ଆଗାମୀ ମେଗା ଷ୍ଟିଲ୍ ପ୍ଲାଣ୍ଟ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଜାପାନର ପ୍ରସିଦ୍ଧ JFE Steel କୁ କେନ୍ଦୁଝରରେ କାରଖାନା ଗଢ଼ିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ଭବିଷ୍ୟତର 'ଇଲେକ୍ଟ୍ରିକାଲ୍ ଷ୍ଟିଲ୍' ଉତ୍ପାଦନ କରିବ। ଜିଲ୍ଲାରେ ବଢୁଥିବା ଶିଳ୍ପ ଚାହିଦାକୁ ଦୃଷ୍ଟିରେ ରଖି ଆଗାମୀ ୨୦ ବର୍ଷର ଆବଶ୍ୟକତାକୁ ପୂରଣ କରିବା ଭଳି ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି | କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ, ରାଜ୍ୟରେ ସମସ୍ତ ବିଦ୍ୟୁତ ଶକ୍ତି ବ୍ୟବସ୍ଥାର ସମ୍ପ୍ରସାରଣ ସୁନିଶ୍ଚିତ ହେବାପାଇଁ ଆମ ସରକାର ଦୃଢ଼ କାର୍ଯ୍ୟରତ। ଆଜିର ଗ୍ରୀଡ଼ ସବ ଷ୍ଟେସନ କେବଳ କେନ୍ଦୁଝର ନୁହେଁ ଏହାର ପାୱାର ସପ୍ଲାଏ ଆଣେ ସୁନ୍ଦରଗଡ଼, ଅନୁଗୋଳ, ବଇଣ୍ଡା ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ କରିବୁ।

## Growth Central

# ଆଉ ୬ଟି ହୋଟେଲ୍ ନିର୍ମାଣ ହେବ: କୋରାପୁଟରେ ହେବ ବିଳାସପୂର୍ଣ୍ଣ ପାହାଡ଼ ରିସୋର୍ଟ



ଆଉ ଛଅଟି ସଂସ୍ଥା ରାଜ୍ୟରେ ହୋଟେଲ୍ ଓ ରିସୋର୍ଟସ୍ ନିର୍ମାଣ କରିବାକୁ ଆଗେଇ ଆସିଛନ୍ତି। କୋରାପୁଟରେ ଏକ ବିଳାସପୂର୍ଣ୍ଣ ପାହାଡ଼ ରିସୋର୍ଟ ନିର୍ମାଣ ହେବାକୁ ଯାଉଛି। ସୂର୍ଯ୍ୟ ଇକୋ ରିସୋର୍ଟସ୍ ନାମକ କମ୍ପାନି ୮୦ କୋଟି ଟଙ୍କା ନିବେଶରେ ସେହି ରିସୋର୍ଟ ସ୍ଥାପନ କରିବ। ସେହିପରି ଜସ୍ କନ୍‌ଷ୍ଟ୍ରକ୍ସନ୍‌ସ ୧୯୬.୨୫ କୋଟି ଟଙ୍କାରେ ସମ୍ବଲପୁରରେ, ରଥ ହସ୍ପିଟାଲିଟି ୧୫୪.୮୫ କୋଟି ଟଙ୍କାରେ ଖୋର୍ଦ୍ଧାରେ ଓ କାର୍ଯ୍ୟନ୍ ଭେଞ୍ଚର୍ସ ୧୦୦ କୋଟି ଟଙ୍କାରେ ପୁରୀରେ ୩ଟି ପଞ୍ଚତାରକା ହୋଟେଲ୍ ନିର୍ମାଣ କରିବେ। କେନ୍ଦୁଝର ରେଗାଲ୍ ପାରାଡାଇଜ୍ ପକ୍ଷରୁ ୧୨୦ କୋଟି ଟଙ୍କା ନିବେଶରେ କେନ୍ଦୁଝରରେ ଓ ଚତୁର୍ଭୁଜ ହୋଟେଲ୍ ଆଣ୍ଡ୍ ରିସୋର୍ଟସ୍ ପକ୍ଷରୁ ୫୫.୫୫ କୋଟି ଟଙ୍କା ନିବେଶରେ ପୁରୀରେ ଦୁଇଟି ଚାରି ତାରକା ହୋଟେଲ୍ ନିର୍ମାଣ କରାଯିବ। ଆଜି ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କମିଟିର ୧୪୬ତମ ବୈଠକରେ ଏହି ହୋଟେଲ୍ ପ୍ରକଳ୍ପଗୁଡ଼ିକ ସମେତ ୩୮୭୭.୧୪ କୋଟି ଟଙ୍କା ପୁଞ୍ଜିନିବେଶର ୧୮ଟି ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି। ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକୁ ୧୧ଟି ଜିଲ୍ଲାରେ ସ୍ଥାପନ କରାଯିବ ଓ ଏହାଦ୍ବାରା ରାଜ୍ୟରେ ୭,୫୬୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସୂଚନା ଅନୁସାରେ, ଜୟ ଜଗନ୍ନାଥ ଷ୍ଟିଲ୍‌ସ ଆଣ୍ଡ୍ ପାୱାର ପକ୍ଷରୁ ସମ୍ବଲପୁରରେ ୯୫୫ କୋଟି ଟଙ୍କା ନିବେଶରେ ଏହାର ସ୍ପଞ୍ଜ ଆଇରନ କାରଖାନାର ସମ୍ପ୍ରସାରଣ କରାଯିବ। ସୁନ୍ଦରଗଡ଼ରେ ସ୍କାନ୍ ଷ୍ଟିଲ୍‌ସ ୫୦୩.୬୮ କୋଟି ଟଙ୍କା ନିବେଶ କରିବ। ଯାଜପୁରରେ ଏସ୍‌ଏସ୍ ଆଲୁଫଏଲ୍‌ସ ୫୬.୮୦ କୋଟି ଟଙ୍କା ନିବେଶ କରି କ୍ରୋମ ପଥର ବେନିଫିକେସନ୍ କାରଖାନା ବସାଇବ। ବାଲେଶ୍ବର ସିପ୍‌ୟାର୍ଡ ଆଣ୍ଡ ଇନ୍‌ଫ୍ରା ପକ୍ଷରୁ ବାଲେଶ୍ବରରେ ୧୫୦ କୋଟି ଟଙ୍କା ନିବେଶରେ ଏକ ଜାହାଜ ନିର୍ମାଣ ଓ ମରାମତି କାରଖାନା ବସାଯିବ। ପ୍ଲାଷ୍ଟିକ୍ ଓ ଧାତବ ଉତ୍ପାଦର ପୁନଃଚକ୍ରଣ ପାଇଁ ସାଉଥ୍ ବ୍ଲକ୍ ମାର୍କେଟିଂ ଖୋର୍ଦ୍ଧାରେ ୧୧୧.୬୪ କୋଟି ଟଙ୍କା ନିବେଶ କରିବ। ଦେବଗଡ଼ରେ ସୋଲାର ଇଣ୍ଡଷ୍ଟ୍ରିଜ୍ ଇଣ୍ଡିଆ ୨୧୦ କୋଟି ଟଙ୍କା ନିବେଶରେ ଏକ ପ୍ରତିରକ୍ଷା ମାନର ବିସ୍ଫୋରକ ଉତ୍ପାଦ କାରଖାନା ନିର୍ମାଣ କରିବ । ହର୍ମାନ ଫିନୋକେମ୍ ତରଫରୁ ୫୩୦ କୋଟି ଟଙ୍କା ନିବେଶରେ ଗୋପାଳପୁରରେ ଔଷଧ ଉପାଦାନ ତିଆରି କରାଯିବ। ଆମ୍ବିଟେକ୍ ହେଲ୍‌ଥକେୟାର ଖୋର୍ଦ୍ଧାରେ ଏକ ମେଡିକାଲ୍ ଡିଭାଇସ୍ କାରଖାନା ବସାଇବାରେ ୫୧ କୋଟି ଟଙ୍କା ନିବେଶ କରିବ। ଖୋର୍ଦ୍ଧାରେ ଏନ୍‌ଭେୟାରଇଲେକ୍ଟ୍ରାଡାଇନ୍ ପକ୍ଷରୁ ୧୩୬.୮୭ କୋଟି ଟଙ୍କା ନିବେଶରେ ଏକ କପର କ୍ଲାଡ୍ ଲାମିନେଟ୍ ପ୍ରକଳ୍ପ ସ୍ଥାପନ କରାଯିବ। ରୁନାୟା ଏକ୍‌କାର୍ଟ ଆଲୁମିନିୟମ ପାଉଡର୍ସ ତରଫରୁ ଝାରସୁଗୁଡ଼ାରେ ୩୦୦ କୋଟି ଟଙ୍କା ନିବେଶ କରାଯିବ। ତାମିଲନାଡୁ ଇସ୍ପାତ ପକ୍ଷରୁ ଝାରସୁଗୁଡ଼ାରେ ୧୧୩.୪୦ କୋଟି ଟଙ୍କା ନିବେଶରେ ଏକ ମଲ୍‌ଟି ମୋଡାଲ୍ ଲଜିଷ୍ଟିକ୍ସ ପାର୍କ ସ୍ଥାପନ କରାଯିବ। ଆଲ୍‌ପସ୍ ମାଇନିଂ ସର୍ଭିସେସ୍ ୫୨ କୋଟି ଟଙ୍କା ନିବେଶରେ ଝାରସୁଗୁଡ଼ାରେ ଏକ କୋଲ୍ ୱାସେରି ବସାଇବ।

# ୨୧୯ ନୂତନ ପ୍ରାଣୀ ଚିକିତ୍ସାଳୟ ଓ ଲ୍ୟାବ୍ ପାଇଁ ୧୭୭ କୋଟିର MoU ସ୍ୱାକ୍ଷରିତ



ବିଶ୍ୱ ପ୍ରାଣିଚିକିତ୍ସା ଦିବସରେ ରାଜ୍ୟ କନଭେନସନ ସେଣ୍ଟରଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାଣିସମ୍ପଦ, ପ୍ରାଣିସ୍ୱାସ୍ଥ୍ୟ ଓ ମତ୍ସ୍ୟପାଳନ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଏହି ଅବସରରେ ପ୍ରାଣୀ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ରାଜ୍ୟରେ ପ୍ରାୟ ୧୦୦ କୋଟି ଟଙ୍କାରେ ନିର୍ମିତ ୭୬ ଟି ପ୍ରାଣିଚିକିତ୍ସାଳୟ ଓ ୪ ଟି ପ୍ରାଣୀ ସହାୟତା କେନ୍ଦ୍ରର ନୂତନ ଗୃହ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଛନ୍ତି। ଏହାସହିତ ୧୭୭ କୋଟି ଟଙ୍କା ବିନିଯୋଗରେ ୨୧୯ଟି ନୂତନ ପ୍ରାଣୀ ଚିକିତ୍ସାଳୟ ଓ ରୋଗ ନିର୍ଣ୍ଣୟ ଲ୍ୟାବ ନିର୍ମାଣ ପାଇଁ ୬ଟି PSU ସହ MoU ମଧ୍ୟ ସ୍ୱାକ୍ଷର ହୋଇଛି। ଏହି ବୁଝାମଣା ପତ୍ରରେ କଟକର ଫୁଲନଖରାରେ ପ୍ରା ୟ ୧୦ କୋଟି ଟଙ୍କା ବ୍ୟୟରେ ଏକ ରାଜ୍ୟସ୍ତରୀୟ ମଲିକ୍ୟୁଲାର ଲ୍ୟାବୋରେଟୋରୀ ସ୍ଥାପନ ହେବ। ସେହିପରି ପଶୁ ଖାଦ୍ୟର ଗୁଣ ପରୀକ୍ଷା ପାଇଁ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟସ୍ତରୀୟ ଖାଦ୍ୟ ପରୀକ୍ଷାଗାର ସଶକ୍ତ କରାଯିବ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଓପୋଲଫେଡ଼ର ୫୦ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ବ୍ରାଉନ ଅଣ୍ଡା ଓ ଦେଶୀ 'ଅସିଲ୍' (Aseel) ଚିକେନର ବିପଣନ କେନ୍ଦ୍ରର ଶୁଭାରମ୍ଭ କରିଥିଲେ। ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ୫୦ କୋଟି ଟଙ୍କା ବ୍ୟୟରେ ଭଦ୍ରକର କସିଆଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଧାମରା ମାଛଧରା ବନ୍ଦରର ଉନ୍ନତିକରଣ କାର୍ଯ୍ୟ ଉଦଘାଟିତ ହୋଇଛି।

# ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରାରେ ଯୋଡିହେଲା ନୂଆ ଅଧ୍ୟାୟ




ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଉ ଏକ ପାଦେ ଆଗେଇଛି ଓଡ଼ିଶା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ଆତ୍ମବିଶ୍ୱାସ ଆଜି ଓଡ଼ିଶାର ଶିଳ୍ପ ବିପ୍ଲବ ଯାତ୍ରାରେ ଆଉ ଏକ ଐତିହାସିକ ଅଧ୍ୟାୟ ଯୋଡ଼ା ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ତଥା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଖୋର୍ଦ୍ଧା ଜିଲ୍ଲାର ଇନ୍‌ଫୋଭ୍ୟାଲି ଠାରେ ପ୍ରତିଷ୍ଠିତ ସେମିକଣ୍ଡକ୍ଟର ସଂସ୍ଥା 3D Glass Solution ର ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ୟୁନିଟ୍ ପାଇଁ ଶିଳାନ୍ୟାସ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଓଡ଼ିଶାରେ ଶିଳ୍ପ ଓ ରୋଜଗାର ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରଶଂସା କରି କହିଛନ୍ତି ଯେ ଓଡ଼ିଶା ପାଇଁ ଏକ ନୂତନ ବିକାଶର ଯୁଗର ଆରମ୍ଭ ହୋଇଛି। ଆଗାମୀ ସମୟରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ଏବଂ ଭବିଷ୍ୟତରେ ଏହାକୁ ଆଇଟି ହବ ଭାବେ ବିକଶିତ କରିବା ପାଇଁ ଆମ ପ୍ରୟାସ ଜାରି ରହିବ। ଏହି ଶିଳାନ୍ୟାସ ପ୍ରକୃତରେ ଓଡ଼ିଶାରେ ଏକ ବ୍ୟାପକ ସମୃଦ୍ଧି ଆଣିବ। 3D Glass Solutionର ଗ୍ଲାସ୍ ସବ୍ ଷ୍ଟ୍ରେଟ ପ୍ୟାକେଜିଙ୍ଗ ୟୁନିଟ୍ ର ପ୍ରଡକ୍ଟ ହେଉଛି ଦେଶରେ ପ୍ରଥମ ଏବଂ ଏହା ଓଡ଼ିଶାରେ ପ୍ରସ୍ତୁତ ହେବ। ଏହି ଟେକ୍ନୋଲୋଜି ଆଗକୁ ସେମିକଣ୍ଡକ୍ଟର ଶିଳ୍ପର ଭବିଷ୍ୟତ ଭାବେ ପ୍ରମାଣିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଦିନ କେବଳ ଓଡ଼ିଶା ପାଇଁ ନୁହେଁ, ଭାରତର ଟେକ୍ନୋଲୋଜିକାଲ ଲିଡରଶିପ୍ ଯାତ୍ରା ପାଇଁ ମଧ୍ୟ ଏକ ସ୍ମରଣୀୟ ମୁହୂର୍ତ୍ତ। ସେ କହିଥିଲେ ଯେ, ଏହି ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଏକ ଆଡଭାନ୍ସଡ୍ 3D ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ସୁବିଧା ସୃଷ୍ଟି କରିବ। ଏହି ୟୁନିଟ୍‌ରେ ଉତ୍ପାଦିତ କମ୍ପୋନେଣ୍ଟଗୁଡ଼ିକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ହାଇ ପର୍ଫର୍ମାନ୍ସ କମ୍ପ୍ୟୁଟିଂ ଓ ପ୍ରତିରକ୍ଷା ଇଲେକ୍ଟ୍ରୋନିକ୍ସ ଭଳି ବିକାଶଶୀଳ କ୍ଷେତ୍ରରେ ଗୁରୁତ୍ୱ ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ ଆହୁରି କହିଥିଲେ ଯେ, Intel, Lockheed Martin ଓ Applied Materials ପରି ବିଶ୍ୱସ୍ତରୀୟ ସଂସ୍ଥାମାନେ 3D Glass Solution ସହ ଯୋଡିହେବା ଓଡ଼ିଶା ପ୍ରତି ବିଶ୍ୱର ବୃଦ୍ଧି ପାଉଥିବା ଭରସାର ପ୍ରମାଣ। ଓଡ଼ିଶା ଆଜି ନିବେଶକମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ ହୋଇପାରିଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ ପ୍ରାୟ ୨ ହଜାର କୋଟି ଟଙ୍କା ନିବେଶରେ ସ୍ଥାପିତ ହେଉଥିବା ଏହି ପ୍ରକଳ୍ପ ବର୍ଷକୁ ୭୦ ହଜାର ଗ୍ଲାସ୍ ପ୍ୟାନେଲ, ୫୦ ମିଲିୟନ ଆସେମ୍ବଲ୍ଡ ୟୁନିଟ୍ ଏବଂ ୧୩,୨୦୦ ଅତ୍ୟାଧୁନିକ 3DHI ମଡ୍ୟୁଲ୍ ଉତ୍ପାଦନ କରିବ। ଏହା ଦ୍ୱାରା ରାଜ୍ୟରେ ପ୍ରାୟ ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ସେ କହିଥିଲେ ଯେ, ଓଡ଼ିଶାରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଏପର୍ଯ୍ୟନ୍ତ ୧୦ ହଜାର କୋଟି ଟଙ୍କାରୁ ଅଧିକ ନିବେଶ ଆସିସାରିଛି। RIR Power Electronics ଓ SiCSEM ପରି ସଂସ୍ଥାମାନେ ପୂର୍ବରୁ ରାଜ୍ୟରେ ୟୁନିଟ୍ ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ଭିଜନରେ ଓଡ଼ିଶା ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ। ପୂର୍ବ ଭାରତରେ ଓଡ଼ିଶା ଆତ୍ମନିର୍ଭର ଭାରତର ଲଞ୍ଚପ୍ୟାଡ୍ ହେବ ବୋଲି ସେ କହିଥିଲେ। ଓଡ଼ିଶା କାହିଁକି ନିବେଶକମାନଙ୍କର ପ୍ରଥମ ପସନ୍ଦ, ତାହାର ପାଞ୍ଚଟି କାରଣ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିପୁଳ ପ୍ରାକୃତିକ ସମ୍ବଳ, ବିଶ୍ୱସ୍ତରୀୟ ଭିତ୍ତିଭୂମି, ଦକ୍ଷ ଯୁବଶକ୍ତି, ଶକ୍ତିଶାଳୀ କନେକ୍ଟିଭିଟି ଏବଂ ରେସ୍ପନସିଭ୍ ଗଭର୍ଣ୍ଣାନ୍ସ। ମୁଖ୍ୟମନ୍ତ୍ରୀ ଯୁବପିଢ଼ୀଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଏହା ଓଡ଼ିଶାର ଛାତ୍ରଛାତ୍ରୀ ଓ ଇଞ୍ଜିନିୟରମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗର ସମୟ। ସେମାନେ ନିଜକୁ ଦକ୍ଷ କରି ଏହି ଉଦୟମାନ କ୍ଷେତ୍ରରେ ଅଗ୍ରସର ହେବାକୁ ସେ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ, ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଓଡ଼ିଶା ଏକ ଆଦର୍ଶ ଗନ୍ତବ୍ୟସ୍ଥଳୀ ଭାବେ ଉଦ୍ଭୁକ୍ତ ହୋଇଛି। ଆମ ପାଖରେ ସମ୍ବଳ ଅଛି, ପ୍ରତିଭା ଅଛି, ଭିତ୍ତିଭୂମି ଅଛି, ସଂକଳ୍ପ ଅଛି। ଆଗାମୀ ଟେକ୍ନୋଲୋଜି ଗଢ଼ିବାକୁ ଚାହୁଁଥିଲେ—"Odisha is your destination," ବୋଲି ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ଶାସନ ସଚିବ ଅମିତେଶ ସିହ୍ନା, 3D Glass Solutionର ପ୍ରେସିଡେଣ୍ଟ ଓ ସିଇଓ ବାବୁ ମନ୍ଦାବାଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।


# ୱେ-ଟ୍ରାକ୍ ଇଣ୍ଡିଆର ନୂତନ ମାନୁଫାକ୍ଚରିଙ୍ଗ୍ ୟୁନିଟ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇନ୍ଫୋଭେଲି-II, ଖୋର୍ଦ୍ଧାଠାରେ 'ୱେ-ଟ୍ରାକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍'ର ଅତ୍ୟାଧୁନିକ ମାନୁଫାକ୍ଚରିଙ୍ଗ୍ ୟୁନିଟ୍‌ର ଶୁଭ ଉଦ୍‌ଘାଟନ କରିଛନ୍ତି । ଓଡ଼ିଶା ମାଟିରୁ ଓଡ଼ିଆ ଉଦ୍ୟୋଗୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ବ୍ରାଣ୍ଡ ଆଜି ସ୍ମାର୍ଟ ଇନଫ୍ରାଷ୍ଟ୍ରକ୍ଚର୍ ଓ AI କ୍ଷେତ୍ରରେ ଦେଶର ଏକ ପ୍ରମୁଖ ସଂସ୍ଥା ଭାବେ ଉଭା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରି ୱେ-ଟ୍ରାକ୍ ଇଣ୍ଡିଆର ସମସ୍ତ ଟିମ୍ ମେମ୍ବରଙ୍କୁ ଅଭିନନ୍ଦନ ଜଣାଇଥିଲେ। ୱେ-ଟ୍ରାକ୍ ଇଣ୍ଡିଆ ଆଜି ଭାରତର ଚତୁର୍ଥ ସର୍ବବୃହତ୍ ୱେ-ବ୍ରିଜ୍ ଉତ୍ପାଦକ ଭାବେ ପରିଚୟ ସୃଷ୍ଟି କରିବା ଆମ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଆସିବା ପରେ ଓଡ଼ିଶାରେ ଶିଳ୍ପ ବିପ୍ଳବ ଜାରି ରହିଛି । ପୂର୍ବରୁ କେବଳ ଖଣି ଭିତ୍ତିକ ଶିଳ୍ପ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଆମ ସରକାର, AI, ସେମିକଣ୍ଡକ୍ଟର, ଟେକ୍ସଟାଇଲ ଓ ଫାର୍ମାସିଉଟିକାଲ ଭଳି 'New Economy' କ୍ଷେତ୍ରରେ ପୁଞ୍ଜି ନିବେଶ କରିବାରେ ସକ୍ଷମ ହୋଇଛି । ଏହି ସମୟ ମଧ୍ୟରେ ପ୍ରାୟ ୨.୮୦ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗ୍ରାଉଣ୍ଡିଂ ହୋଇଛି, ଯାହା ଆଗାମୀ ଦିନରେ ଦୁଇ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଆମର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଡଲାର ଏବଂ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ବୋଲି ସେ କହିଥିଲେ । ଓଡ଼ିଶାର ଏହି ବିକାଶ ଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ପରିକଳ୍ପନା ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିଳ୍ପ ପ୍ରତିଷ୍ଠା ପାଇଁ ଆମ ସରକାର 'Plug & Play' ସୁବିଧା ଯୋଗାଇ ଦେଉଛନ୍ତି ଏବଂ ଜିଲ୍ଲାପାଳମାନଙ୍କୁ ଶିଳ୍ପ ସମ୍ବନ୍ଧୀୟ ନିଷ୍ପତ୍ତି ନେବା ପାଇଁ ଅଧିକ କ୍ଷମତା ପ୍ରଦାନ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ରାଜନୈତିକ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ସଂସଦ ଓ ବିଧାନସଭାରେ ମହିଳାଙ୍କୁ ଏକ ତୃତୀୟାଂଶ ସଂରକ୍ଷଣ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅଣାଯାଇଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ କଂଗ୍ରେସ ଓ ସହଯୋଗୀ ଦଳମାନେ ଲୋକସଭାରେ ପାରିତ କରାଇ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହା ନାରୀ ସମାଜ ପ୍ରତି ଏକ ଅପରାଧ ଏବଂ ଏଥିପାଇଁ ଓଡ଼ିଶାର ନାରୀଶକ୍ତି ସେମାନଙ୍କୁ କେବେ କ୍ଷମା ଦେବେ ନାହିଁ। ଅନ୍ୟତମ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ MSME ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ । ରାଜ୍ୟ ସରକାର ସହଜରେ MSME ଇଣ୍ଡଷ୍ଟ୍ରି ନିମନ୍ତେ ଜମି ଓ ଲୋନ୍ ପ୍ରଦାନ କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଥିଲେ । କାର୍ଯ୍ୟକ୍ରମ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ରାଜ୍ୟ ସରକାରଙ୍କ MSME ପ୍ରତି ଥିବା ଆନ୍ତରିକତାକୁ ପ୍ରଶଂସା କରି କହିଥିଲେ ଯେ MSME ଇଣ୍ଡଷ୍ଟ୍ରି ବସେଇବାରେ ଓଡିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚୟ ସୃଷ୍ଟି କରିଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୱେ-ଟ୍ରାକ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ, ବରିଷ୍ଠ ସଙ୍ଘ ଚାଳକ ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରୁ ଶିରିଡ଼ି, ତିରୁପତିକୁ ଉଡ଼ିବ ବିମାନ: ୧୦ଟି ନୂଆ ରୁଟ୍‌ରେ ବିମାନ ଚଳାଇବାକୁ ଯୋଜନା

ଗତ ମାର୍ଚ୍ଚ ମାସରେ ଭୁବନେଶ୍ବରରୁ ୧୧ଟି ରୁଟ୍‌ରେ ବିମାନ ଉଡ଼ାଣ ବନ୍ଦ ହୋଇଥିଲା। ରାଜ୍ୟ ସରକାର ବିମାନ କମ୍ପାନିଙ୍କୁ ସବ୍‌ସିଡି ନଦେବାରୁ ସେମାନେ ଉଡ଼ାଣ ବନ୍ଦ କରିଦେଇଥିଲେ। ହେଲେ ରାଜ୍ୟରେ ପର୍ଯ୍ୟଟକ ବୃଦ୍ଧି କରିବାକୁ ସରକାର ଯୋଜନା କରୁଥିବାରୁ ଏବେ ପୁଣି ନୂଆ ୧୦ଟି ରୁଟ୍‌ରେ ବିମାନ ଉଡ଼ାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ହେଲେ ଗତ ମାର୍ଚ୍ଚ ମାସରୁ ବିଭିନ୍ନ ବିମାନ କମ୍ପାନିଙ୍କ ଗ୍ରୀଷ୍ମକାଳୀନ ଉଡ଼ାଣ ସୂଚୀ ଅନୁଯାୟୀ ବିମାନ ଯାତାୟାତ କରୁଥିବାବେଳେ ଏବେ ଭୁବନେଶ୍ବରରୁ ନୂଆ ବିମାନ ଉଡ଼ାଣ ପାଇଁ ଆବଶ୍ୟକ ଅନୁମତି ମିଳିବାରେ ବିଳମ୍ବ ହେଉଥିବାରୁ କେବେ ବିମାନ ଉଡ଼ାଣ ଆରମ୍ଭ ହେବ ସେ ନେଇ ଆନୁଷ୍ଠାନିକ ଭାବେ ଘୋଷଣା ହୋଇନି। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ବରରୁ ୪ଟି ନୂଆ ରୁଟ୍ ବଛାଯାଇଛି। ସେଗୁଡ଼ିକ ହେଲା ତିରୁପତି, ସୁରତ, ଭୋପାଳ ଓ ଶିରିଡ଼ି। ରାଜ୍ୟର ବହୁ ଶ୍ରଦ୍ଧାଳୁ ଟ୍ରେନ୍‌ରେ ଶିରିଡ଼ି ଏବଂ ତିରୁପତି ଯାଉଥିବାରୁ ଏହି ରୁଟ୍‌ରେ ବିମାନ ଚଳାଇବାକୁ ନିଷ୍ପତ୍ତି ହୋଇଛି। ଏହାଦ୍ବାରା ଏକ ଆଧ୍ୟାତ୍ମିକ କରିଡର ସୃଷ୍ଟି କରାଯାଇପାରିବ। ଶିରିଡ଼ି ଓ ତିରୁପତିରୁ ବହୁ ଶ୍ରଦ୍ଧାଳୁ ପୁରୀକୁ ଆସିପାରିବେ। କେନ୍ଦ୍ରୀୟ ଭାରତକୁ ସଂଯୋଗ କରିବା ପାଇଁ ଭୋପାଳକୁ ବିମାନ ଚଳାଚଳ କରିବ। ସୁରତରେ ବହୁ ଓଡ଼ିଆ ରହୁଥିବାରୁ ସେମାନଙ୍କ ଯାତାୟାତର ସୁବିଧା ପାଇଁ ସୁରତକୁ ବିମାନ ଚଳାଚଳ କରିବ। ସେହିପରି ଝାରସୁଗୁଡ଼ାରୁ ଅହମଦାବାଦ, ଜୟପୁର, ପୁଣେକୁ ବିମାନ ଚଳାଚଳ କରିବ। ପୂର୍ବରୁ ଏହି ତିନିଟି ରୁଟ୍‌ରେ ଭୁବନେଶ୍ବରରୁ ଇଣ୍ଡିଗୋ ବିମାନ ଯାତାୟାତ କରୁଥିଲା। ଏହି ସମସ୍ତ ରୁଟ୍ ପାଇଁ ରାଜ୍ୟ ସରକାର ସବ୍‌ସିଡି ପ୍ରଦାନ କରିବେ। ପୂର୍ବରୁ ଇଣ୍ଡିଗୋ ସହ ରାଜ୍ୟ ସରକାର ଚୁକ୍ତି କରି ବିମାନ ଉଡ଼ାଣ ପାଇଁ ସବ୍‌ସିଡି ଦେଉଥିବାବେଳେ ଏବେ ଷ୍ଟାର ଏୟାର ସହ ଚୁକ୍ତି କରିବାକୁ ନିଷ୍ପତ୍ତି ହୋଇଛି। ଏନେଇ ସମସ୍ତ ଆନୁଷଙ୍ଗିକ ଆଲୋଚନା ଶେଷ ହୋଇଥିବାବେଳେ ଖୁବ୍‌ଶୀଘ୍ର ଏମ୍‌ଓୟୁ ସ୍ବାକ୍ଷର ହେବ ବୋଲି ଜଣାପଡ଼ିଛି।



StorySelling

# ଓଡ଼ିଆ ସିନେମାର ପ୍ୟାନ୍-ଇଣ୍ଡିଆ ସ୍ୱପ୍ନ: କେବେ ମାଟିର ଗଳ୍ପ ହେବ Global Hit!

ଆଜିର ବିଶ୍ୱ ସିନେମା ଜଗତରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି, ଯେଉଁଠି 'ଆଞ୍ଚଳିକତା ହିଁ ନୂତନ ଗ୍ଲୋବାଲ୍' ଭାବେ ଉଭା ହୋଇଛି। ଯଦି ଆମେ ପଡ଼ୋଶୀ ରାଜ୍ୟମାନଙ୍କ ଉପରେ ନଜର ପକାଇବା, ତେବେ ତେଲୁଗୁ ଇଣ୍ଡଷ୍ଟ୍ରିର 'ବାହୁବଳୀ' ଏହାର ଭବ୍ୟତା ପାଇଁ ଏବଂ କନ୍ନଡ ଇଣ୍ଡଷ୍ଟ୍ରିର 'କାନ୍ତାରା' ନିଜ ମାଟିର ପରମ୍ପରା ପାଇଁ ଆଜି ବିଶ୍ୱବିଦିତ। ଏହି ଚଳଚ୍ଚିତ୍ରଗୁଡ଼ିକ ପ୍ରମାଣିତ କରିଛନ୍ତି ଯେ ସିନେମାର ଭାଷା ଆଞ୍ଚଳିକ ହୋଇପାରେ, କିନ୍ତୁ ଏହାର ଆବେଗ ସାର୍ବଜନୀନ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ସିନେମାର ସ୍ଥିତିକୁ ଅନୁଧ୍ୟାନ କଲେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୁଏ? ସମୃଦ୍ଧ କଳା ଓ ସଂସ୍କୃତିର ଗନ୍ତାଘର ଓଡ଼ିଶା ଏହି ଦୌଡ଼ରେ ପଛରେ ପଡୁଛି କାହିଁକି? ଓଡ଼ିଶାରେ ପ୍ରତିଭାବାନ କଳାକାର ଓ ନିର୍ଦ୍ଦେଶକଙ୍କ ତ ଅଭାବ ନାହିଁ, ମାତ୍ର ସବୁଠାରୁ ବଡ଼ ସମସ୍ୟା ହେଉଛି 'ମୌଳିକତା' ବନାମ 'ନକଲ'। ଦୀର୍ଘ ବର୍ଷ ଧରି ଓଡ଼ିଆ ଇଣ୍ଡଷ୍ଟ୍ରି ଅନ୍ୟ ଭାଷାର ଚଳଚ୍ଚିତ୍ରକୁ ଅବିକଳ ଅନୁକରଣ କରିବା ଫଳରେ ଆମର ନିଜସ୍ୱ ସାଂସ୍କୃତିକ ପରିଚୟ ପରଦାରେ ମଳିନ ପଡିଗଲା। ପ୍ୟାନ୍-ଇଣ୍ଡିଆ ସିନେମା ପାଇଁ ଯେଉଁ 'ମାସିଭ୍ ହିଟ୍' ବା ଉଚ୍ଚକୋଟୀର ବୈଷୟିକ ଜ୍ଞାନକୌଶଳ (VFX, Sound Design) ଆବଶ୍ୟକ, ତାହାର ଅଭାବ ଏଠାରେ ସ୍ପଷ୍ଟ ବାରି ହୋଇପଡେ। ଏହି ପ୍ରସଙ୍ଗରେ ଭାରତୀୟ ସିନେମାର ଦିଗ୍‌ଗଜ ନିର୍ଦ୍ଦେଶକ ଏସ.ଏସ. ରାଜାମୌଳି ଏକ ସାକ୍ଷାତକାରରେ ଓଡ଼ିଶାର ସମ୍ଭାବନାକୁ ନେଇ କହିଥିଲେ ଯେ, ଆମ ରାଜ୍ୟରେ ଏଭଳି ଅନେକ 'ଅନଏକ୍ସପ୍ଲୋର୍ଡ ମାଇଣ୍ଡ୍ସ' ଏବଂ ଗଭୀର ସାଂସ୍କୃତିକ ବିଷୟବସ୍ତୁ ଅପେକ୍ଷା କରି ରହିଛି। ସେ ଏକଥା ବି କହିଥିଲେ ଆଗାମୀ ଦିନର '୫୦୦ କୋଟିର ଯଦି କିଛି ସଫଳତା ହୁଏ, ତେବେ ଓଡ଼ିଶା ଭଳି ମାଟିରୁ ହିଁ ଆସିପାରେ, କାରଣ ସେଠାକାର



କଳାକାରମାନେ ସେତିକି ଦକ୍ଷ। ଯଦିଓ 'ବୋଉ ବୁଢୁ ଭୂତ' ଏବଂ 'ଦମନ' ଭଳି ଚଳଚ୍ଚିତ୍ରଗୁଡ଼ିକ 'ଟ୍ରେଣ୍ଡିଂ' ହୋଇ ନୂତନ ଆଶାର କିରଣ ଦେଖାଇଛନ୍ତି, ତଥାପି ଏହାକୁ ଏକ ନିରନ୍ତର ପ୍ରକ୍ରିୟାରେ ପରିଣତ କରିବା ପାଇଁ ଆମକୁ ଆମର 'ରୁଟେଡ୍ ଷ୍ଟୋରୀ'କୁ ଆଧୁନିକ 'ଭିଜୁଆଲ୍ ସ୍କେଲ୍ଟାକଲ୍' ସହ ଯୋଡ଼ିବାକୁ ହେବ। ଓଡ଼ିଶାର ଅକୁହା କାହାଣୀଗୁଡ଼ିକ ଭିତରେ ହିଁ ପ୍ୟାନ୍-ଇଣ୍ଡିଆ ସଫଳତାର ମଞ୍ଜି ଲୁଚି ରହିଛି। ଆମର ସମୃଦ୍ଧ ଜଗନ୍ନାଥ ସଂସ୍କୃତି, ପାଇକ ବିଦ୍ରୋହର ବୀରତ୍ୱ ଗାଥା ଏବଂ ପ୍ରତିଟି ଗ୍ରାମର ଲୋକପ୍ରଥା ଓ କିମ୍ବଦନ୍ତୀଗୁଡ଼ିକ ହେଉଛି ବିଶ୍ୱସ୍ତରୀୟ ସିନେମା ପାଇଁ ଶ୍ରେଷ୍ଠ ଉପାଦାନ। 'କାନ୍ତାରା' ନିଜ ମାଟିର ପରମ୍ପରାକୁ ବୈଷୟିକ ଜ୍ଞାନକୌଶଳ ସହ ଯୋଡ଼ି ଯେଉଁଭଳି ଏକ 'ବେଞ୍ଚମାର୍କ' ସୃଷ୍ଟି କଲା, ଓଡ଼ିଆ ସିନେମା ପାଇଁ ମଧ୍ୟ ସେହି ସମାନ ସୁଯୋଗ ରହିଛି। ଯଦି ଆମେ ଆମର ସାଂସ୍କୃତିକ ଅସ୍ମିତାକୁ 'ଗ୍ଲୋବାଲ୍ ଆପିଲ୍' ଏବଂ 'ଇମ୍ପାକ୍ଟଫୁଲ୍ ମାର୍କେଟିଂ' ସହିତ ଉପସ୍ଥାପନ କରିବା, ତେବେ ଓଡ଼ିଆ ସିନେମା ନିଶ୍ଚିତ ଭାବେ ବିଶ୍ୱ ଦରବାରରେ ନିଜର ସ୍ୱର୍ଣ୍ଣିମ ଯୁଗ ଫେରିପାଇବ। ଦର୍ଶକଙ୍କ ସମର୍ଥନ ଏବଂ ପ୍ରଯୋଜକଙ୍କ ଦୂରଦୃଷ୍ଟି ସଂପନ୍ନ ନିବେଶ ମିଳିଲେ, ଓଡ଼ିଆ ସିନେମା ଦିନେ ପୃଥିବୀର ପ୍ରତିଟି କୋଣରେ ନିଜର ଜୟଯାତ୍ରା ଜାରି ରଖିବ। ଶ୍ରେଷ୍ଠ କଳା ହିଁ ଶ୍ରେଷ୍ଠ ପରିଚୟ।

# 'ସ୍ୱାଗ୍ ରାଜା' ଓ 'ଶିକାର' ସହିତ ରଜରେ ଖେଳିବ 'ଛକିଶୂନ'




ଏଥର ରଜ ବଜାରରେ ଓଲିଉଡର ଚକଲେଟ୍ ହିରୋ ସ୍ୱରାଜ ବାରିକଙ୍କର 'ଡବଲ୍ ଧମାକା' ଦେଖିବାକୁ ମିଳିବ! ପରଦାକୁ ଆସୁଛି ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର ସିନେମା 'ସ୍ୱାଗ୍-ରାଜ' ଏବଂ 'ଶିକାର'। ସାଧାରଣତଃ ରଜ ସମୟରେ ବଡ଼ ଷ୍ଟାରଙ୍କ ମଧ୍ୟରେ ଟକ୍କର ହୁଏ, କିନ୍ତୁ ଏଥର ସ୍ୱରାଜ ନିଜ ସହ ନିଜେ ଲଢ଼େଇ କରିବାକୁ ପ୍ରସ୍ତୁତ। ସ୍ୱରାଜ ବାରିକ ଏବଂ ଜଗଦୀଶ ମିଶ୍ରଙ୍କ ମିଳିତ ପ୍ରୟାସରେ ନିର୍ମିତ 'ସ୍ୱାଗ୍-ରାଜ' ଏଥର ରଜର ପ୍ରମୁଖ ଆକର୍ଷଣ ସାଜିଥିବା ବେଳେ ପ୍ରକାଶ ଫିଲ୍ମସର ବଡ଼ ଭେଟି 'ଶିକାର' ମଧ୍ୟ ପ୍ରେକ୍ଷାଳୟକୁ କମ୍ପାଇବା ପାଇଁ ପ୍ରସ୍ତୁତ ହୋଇ ରହିଛି। ପ୍ରଥମେ ଆସୁଛି 'ସ୍ୱାଗ୍-ରାଜ'। ନାଁ ଶୁଣିଲେ ହିଁ ଲାଗୁଛି ଏଥିରେ ଷ୍ଟାଇଲ୍ ଏବଂ ଆଟିଚ୍ୟୁଡ୍‌ର କୌଣସି ଅଭାବ ନାହିଁ। ସ୍ୱରାଜଙ୍କୁ ଏକ ସମ୍ପୂର୍ଣ୍ଣ ନୂଆ ଏବଂ Trendy 'ସ୍ୱାଗ୍' ଭରା ଅନ୍ଦାଜରେ ଦେଖିବାକୁ ମିଳିବ, ଯାହା ଯୁବପିଢ଼ିଙ୍କୁ ବେଶ୍ ଆକର୍ଷିତ କରିବ। କିନ୍ତୁ ଏହି ଆଧୁନିକତା ଭିତରେ ଓଡ଼ିଆ ମାଟିର ସଂସ୍କାର ଏବଂ ସମ୍ଭ୍ରାନ୍ତ ଶବ୍ଦର ଯୁଗଳବନ୍ଦୀ ସିନେମାକୁ ଏକ ଶାଳୀନ ରୂପ ଦେଇଛି। ଏହା କେବଳ ଏକ ମନୋରଞ୍ଜନଧର୍ମୀ ସିନେମା ନୁହେଁ, ବରଂ ଏଥିରେ ଥିବା ପାରିବାରିକ ଆବେଗ ଦର୍ଶକଙ୍କ ହୃଦୟକୁ ଛୁଇଁବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ 'ଶିକାର' ହେଉଛି ଏକ ହାଇ-ଭୋଲଟେଜ୍ ସସପେନ୍ସ-ଡ୍ରାମା। ଏହାର ନାରେଟିଭ୍ ଏବଂ କାହାଣୀ ବୁଣାବୁଣି ଏପରି ହୋଇଛି ଯେ, ପ୍ରତିଟି ମୁହୂର୍ତ୍ତରେ ଆପଣଙ୍କୁ ଏକ ନୂଆ ରୋମାଞ୍ଚର ଅନୁଭୂତି ମିଳିବ। ଏଥିରେ ସ୍ୱରାଜଙ୍କୁ ଏକ ଗମ୍ଭୀର ଏବଂ ଦକ୍ଷ ଚରିତ୍ରରେ ଦେଖିବାକୁ ମିଳିବ, ଯାହା ତାଙ୍କ ପୂର୍ବ ସିନେମାଗୁଡ଼ିକ ଅପେକ୍ଷା ସମ୍ପୂର୍ଣ୍ଣ ଭିନ୍ନ। ସିନେମାର ସଙ୍ଗୀତ ଏବଂ ଆକ୍ସନ୍ ସିକ୍ୱେନ୍ସ ଦର୍ଶକଙ୍କୁ ବଡ଼ ପରଦାରେ ଏକ 'ଗ୍ଲୋବାଲ୍ ଫିଲ୍' ଦେବ। 'ଶିକାର'ର କାହାଣୀରେ ଏପରି କିଛି ଟ୍ୱିଷ୍ଟ ଅଛି ଯାହା ଶେଷ ପର୍ଯ୍ୟନ୍ତ କେହି ଅନୁମାନ କରିପାରିବେ ନାହିଁ ବୋଲି ସିନେ ସମୀକ୍ଷକମାନେ ମତ ରଖିଛନ୍ତି। ତେବେ କେବଳ ସ୍ୱରାଜ ନୁହନ୍ତି, ରଜ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆସୁଛି ଅନ୍ୟ ଏକ ବଡ଼ ସିନେମା 'ଛକିସୁନ'। ଜୁନ୍ ୧୨, ୨୦୨୬ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମଟି ରଜର ମାହୋଲକୁ ଆହୁରି ସରଗରମ କରିଦେଇଛି। ସୋସିଆଲ ମିଡିଆରେ ଏବେଠାରୁ ଏହି ସବୁ ମୁଭିକୁ ନେଇ ଟ୍ରେଣ୍ଡ ଆରମ୍ଭ ହୋଇଗଲାଣି। 'ସ୍ୱାଗ୍-ରାଜ'ର ମସ୍ତି, 'ଶିକାର'ର ରହସ୍ୟ କିମ୍ବା 'ଛକିସୁନ'ର ଚମକ- ଦର୍ଶକ ଏହି ଏକାଧିକ ଟ୍ରିଟ୍ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଓଡ଼ିଆ ସଂସ୍କୃତିକୁ ସମ୍ମାନ ଦେବା ସହ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଏହି ସିନେମାଗୁଡ଼ିକୁ ଏଥର ରଜର ସବୁଠାରୁ 'Most Awaited' ଫିଲ୍ମ କରିଛି। ତେବେ ଏହି ରଜରେ ବାଜି କିଏ ମାରିବ?ତାକୁ ହିଁ ଅପେକ୍ଷା!

Strategies in Stories

# Royal Enfield: The CEO rode the bikes to build its Glory Road

Royal Enfield, the dream motorbike of the young Indian was once a nightmare for the company as well as for the 26 years old Siddhartha Lal, who got appointed as CEO in 2000. Royal Enfield, which Eicher acquired in 1994, was losing customers, plagued by engine seizures and oil leaks, and struggling to compete in an increasingly crowded motorcycle market.

Lal, in order to fix the issues with the motorcycles, rode the bikes himself for long distances and on varied terrain, logging the experience of a customer rather than an executive. After riding hundreds of miles, he found out that the products were unreliable, uncomfortable, and far from consumer tastes & preferences.

Then came the changes. And, first, the core product went through the transformation like the gear shift was standardised to the left side, aluminum engines replaced the older design, addressing the oil leakage problems, etc. In parallel, Lal undertook a repositioning of the brand that was arguably more consequential than any single product fix. In parallel, Siddharth Lal undertook a repositioning of the brand. He repositioned Royal Enfield around the idea of "pure motorcycling," a leisure and lifestyle brand.

The launch of the Royal Enfield Classic between 2008 and 2009 is the moment that most analysts point to as the inflection point of the turnaround. The motorcycles




combined the vintage visual identity and signature engine character of the old Enfields with the reliability and refinement that the new engineering work had delivered. Sales trajectory reflected the change. Annual volumes, which had been only 25,000 units in 2005, reached 300,000 units by 2014.

By 2015, the domestic revival was secure enough for Lal to turn his attention to international markets. He relocated to the UK personally to oversee Royal Enfield's global expansion. The company established a technical center in the UK and began hiring engineers and product specialists from Harley-Davidson, Triumph, and Ducati. Through his vision and action, Royal Enfield attracted international customers.

The company launched Hunter 350 with a deliberate attempt to bring younger, urban buyers into the fold. From road to perdition, Royal Enfield transformed and shifted into top gear on the express road of successful journey.

India in Info-Graphics




Printed & Published by Sibasis Satapathy on behalf of COTOC Improvement Limited. Published at Plot 47, Sector 5, Niladri Vihar, Chandrashekharpur, Bhubaneswar 751021
Phone: +91 8456869769, 06744068848, Mail: biznessbreaking@cotoc.in, biznessbreaking@gmail.com
Printed at Print Tech Offset Pvt. Ltd., F-66, 1 & 2, Technology Corridor, Chandaka Industrial Estate, Sailashree Vihar, Chandrasekharpur, Bhubaneswar, Odisha 751021

Editor: Sibasis Satapathy
ସମ୍ପାଦକ: ଶିବାଶିଷ ଶତପଥି